## ଋଣ କରିଦେବାକୁ କହି ୬ ଲକ୍ଷ ଠକେଇ

**ଭୁବନେଶ୍ୱର,୪।୬(ବ୍ୟୁରୋ):** ବ୍ୟାଙ୍କ ଋଣ କରାଇଦେବାକୁ କହି ପ୍ରାୟ ୩ଶହ ଲୋକଙ୍କଠାରୁ ୬ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକି ନିଆଯାଇଛି। ଏନେଇ ଏକ ଅର୍ଥ ଲଗାଣକାରୀ ସଂସ୍ଥାର ନିର୍ଦ୍ଦେଶକଙ୍କ ବିରୋଧରେ ୨ଜଣ ମହିଳା ଏଜେଣ୍ଟ ଶୁକ୍ରବାର ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିଛନ୍ତି। ଏମାନେ ପାଣ୍ଡରା ଅଞ୍ଚଳରେ ଭିନ୍ନ ଭିନ୍ନ ଗ୍ରୁପ ଖୋଲି ଋଣ ପାଇଁ ଖାତା ଓ ଏଟିଏମ୍ ବାବଦକୁ ୨୧୩୦ ଟଙ୍କା ଲେଖାଏ ଆଦାୟ କରି ଉକ୍ତ ସଂସ୍ଥାରେ ଦାଖଲ କରିଥିଲେ। ମାତ୍ର ଋଣ ନ ମିଳିବାରୁ ଲୋକେ ସମ୍ପୃକ୍ତ ଏଜେଣ୍ଟଙ୍କୁ ଧରି ଥାନାର ଦ୍ୱାରସ୍ଥ ହୋଇଥିଲେ।

## ସଂକ୍ଷେପରେ

### ୭ରୁ ପ୍ରାକ୍ ମୌସୁମୀ ବର୍ଷା

**ଭୁବନେଶ୍ୱର, ୪।୬(ବ୍ୟୁରୋ):** ରାଜ୍ୟରେ ଏବେ ତାପମାତ୍ରା ଅଧିକ ରହୁଥିବାବେଳେ ବିଭିନ୍ନ ସ୍ଥାନରେ ବର୍ଷା ମଧ ଜାରି ରହିଛି। ଶୁକ୍ରବାର ବଲାଙ୍ଗୀର ଓ ସୁନ୍ଦରଗଡ଼ରେ ସର୍ବାଧିକ ତାପମାତ୍ରା ୪୦ ଡିଗ୍ରୀ ଥିଲା। ତେବେ ଆଗକୁ ପାରଦ ତଳକୁ ଖସିବ। ଆସନ୍ତା ୧୧ ତାରିଖରେ ଉତ୍ତର ବଙ୍ଗୋପସାଗର, ଓଡ଼ିଶା ଓ ପଶ୍ଚିମବଙ୍ଗ ଉପକୂଳ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। ଏଥିସହ ଦକ୍ଷିଣ-ପଶ୍ଚିମ ମୌସୁମୀ ଓଡ଼ିଶାର ଅଧିକାଂଶ ସ୍ଥାନକୁ ଆଗୁଆ ଆସିବାର ସମ୍ଭାବନା ଥିବାରୁ ୭ ତାରିଖରୁ ରାଜ୍ୟରେ ପ୍ରାକ୍ ମୌସୁମୀ ବର୍ଷା ଆରମ୍ଭ ହେବ। ୭ ତାରିଖରେ ନୂଆପଡ଼ା, ବଲାଙ୍ଗୀର, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱରର କିଛି ସ୍ଥାନରେ ବର୍ଷା ହେବାର ଆଶଙ୍କା ରହିଛି। ସେହିପରି ୧୦ ଜିଲାରେ ଝଡ଼ବର୍ଷା ସହିତ ବଜ୍ରପାତ ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସତର୍କ କରାଇଛି। ୯ ତାରିଖରେ ମଧ ବିଭିନ୍ନ ଜିଲାରେ ବର୍ଷା ହେବ ଓ ୧୯ ଜିଲାକୁ ଝଡ଼ବର୍ଷା ନେଇ ସତର୍କ କରିଛି ପାଣିପାଗ କେନ୍ଦ୍ର।

### ମସ୍‌ଜିଦ୍ ହୁଣ୍ଡିରୁ ଟଙ୍କା ଚୋରି ନେଇ ଭୁଜାଲିରେ ଆକ୍ରମଣ

**ଭୁବନେଶ୍ୱର,୪।୬(ବ୍ୟୁରୋ):** ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ହରେକୃଷ୍ଣ ନଗରରେ ଥିବା ମସ୍‌ଜିଦ ହୁଣ୍ଡିରୁ ପ୍ରାୟ ୨ଲକ୍ଷ ଟଙ୍କା ଚୋରି ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ନେଇ ସେଠାରେ ଥିବା ଦୁଇପକ୍ଷ ମଧରେ ଭୁଜାଲିରେ ଆକ୍ରମଣ ହୋଇ ୩ଜଣ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ହରେକୃଷ୍ଣ ନଗରରେ ସୁନି ମସଜିଦ ନଜମୁଲ ସାହା ବୋଖାରୀ ନାମରେ ଏକ ମସ୍‌ଜିଦ ରହିଛି। ଏହି ମସଜିଦ ହୁଣ୍ଡିରେ ପ୍ରାୟ ୨ଲକ୍ଷ ଟଙ୍କା ଥିବାବେଳେ କିଛିଦିନ ତଳେ ତାହା ଚୋରି ହୋଇଯାଇଥିଲା। ହେଲେ ଏହି ଟଙ୍କା ସେଖ ମୁସିଦ୍ ଅଲ୍ଲୀ ଓରଫ ଜାପାନୀଙ୍କ ସମେତ ୧୪ଜଣ ମିଶି ଚୋରାଇ ନେଇଥିବା ସେଖ ଆରବିଲା ଆଲିସ ଶୁକ୍ରବାର ଥାନାରେ ଅଭିଯୋଗ କରିଛନ୍ତି। ଚୋରି କଥାକୁ ନେଇ ଉଭୟ ଗୋଷ୍ଠୀ ମଧରେ କଥା କଟାକଟି ହୋଇ ପରେ ଭୁଜାଲିରେ ଆକ୍ରମଣ କରିଥିଲେ। ଏଥିରେ ସେଖ୍ ମହସିନ୍ ସମେତ ୩ଜଣ ଗୁରୁତର ହୋଇଛନ୍ତି। ଯାହାକୁ ନେଇ ଆରବିଲାଙ୍କ ସମେତ ଅନ୍ୟ କେତେଜଣ ଲୋକ ୧୪ଜଣଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ଏକ ମାମଲା (ନଂ. ୨୭୦/୨୧) ରୁଜୁ କରି ତଦନ୍ତ ଚଳାଇଥିବା ଚନ୍ଦ୍ରଶେଖରପୁର ଥାନା ଅଧିକାରୀ ଯୁବରାଜ ସ୍ୱାଇଁ କହିଛନ୍ତି।

### ଝୁଲନ୍ତା ମୃତଦେହ ଜବତ

**ଚୌଦ୍ୱାର,୪।୬(ଡି.ଏନ.ଏ.):** ଚୌଦ୍ୱାର ନିକଟ ବିରୂପା ନଦୀପଠାରୁ ଟାଙ୍ଗୀ ପୋଲିସ ଶୁକ୍ରବାର ସକାଳେ ଏକ ଝୁଲନ୍ତା ମୃତଦେହ ଜବତ କରିଛି। ଚୌଦ୍ୱାର ତଳବଜାର ବେହେରାସାହି ଅଞ୍ଚଳର ଅର୍ଜୁନୀ ବେହେରା(୪୨) ବୁଧବାର ସାଇକେଲରେ ଘରୁ ବାହାରି ଆସି ଆଉ ଫେରି ନଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ ଅର୍ଜୁନୀଙ୍କର ପତ୍ତା ପାଇ ନ ଥିଲେ। ନଦୀପଠାରେ ଥିବା ଏକ ଗଛରେ ଅର୍ଜୁନୀଙ୍କ ମୃତଦେହ କେବଲ ତାର ସାହାଯ୍ୟରେ ଝୁଲୁଥିଲା। ଶୁକ୍ରବାର ସକାଳେ ଶୌଚପାଇଁ ଆସିଥିବା ଲୋକେ ଏହା ଦେଖି ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇବା ସହ ଏକ ଅପମୃତ୍ୟୁ ମାମଲା(ନଂ.୪/୨୧) ରୁଜୁ କରି ତଦନ୍ତ ଚଳାଇଛି।

# ହତାଶାରେ ବିତୁଛି ଶିଳ୍ପୀ, ବୁଣାକାରଙ୍କ ଜୀବନ

ଭୁବନେଶ୍ୱର, ୪।୬ (ବ୍ୟୁରୋ)





ଯେଉଁମାନଙ୍କ ପାଇଁ ଓଡ଼ିଶା ସାରା ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ପାଇଛି, ସେମାନେ ଆଜି ଦୁର୍ଦ୍ଦଶା ଓ ହତାଶାରେ ଜୀବନ ବିତାଉଛନ୍ତି। କୋଭିଡ୍ କଟକଣା ଭିତରେ ହାତବାନ୍ଧି ବସିଥିବା ଶିଳ୍ପୀ ଓ ବୁଣାକାରମାନେ ଜୀବନଜୀବିକାକୁ ନେଇ ଚିନ୍ତିତ ହୋଇପଡିଛନ୍ତି। ଗୌରବମୟ କଳାର ଅଧିକାରୀ ହୋଇଥିଲେ ବି ନିଜକୁ ଅସହାୟ ମନେ କରୁଛନ୍ତି। ଏ ପରିସ୍ଥିତିରେ ରାଜ୍ୟ ଓ କେନ୍ଦ୍ର ସରକାର ସେମାନଙ୍କ କଥା ଚିନ୍ତା କରୁ ନ ଥିବା ସେମାନେ ଅଭିଯୋଗ ଆଣିଛନ୍ତି। ସୂଚନାନୁସାରେ, ରାଜ୍ୟରେ ୫ଲକ୍ଷରୁ ଊର୍ଦ୍ଧ୍ୱ ଶିଳ୍ପୀ ଓ ବୁଣାକାର ରହିଛନ୍ତି। ଇତିମଧ୍ୟରେ ରାଜ୍ୟର ବହୁ ଶିଳ୍ପୀ ଓ ବୁଣାକାର କରୋନାରେ ଆଖି ବୁଜିଛନ୍ତି। ଏହାସତ୍ତ୍ୱେ ସରକାର ଏମାନଙ୍କୁ ଅଣଦେଖା କରୁଥିବା ବାରମ୍ବାର ଅଭିଯୋଗ ହେଉଛି। କେବଳ ମେ’ ମାସରେ ପଦ୍ମବିଭୂଷଣ ରଘୁନାଥ ମହାପାତ୍ରଙ୍କ ସମେତ ଆକାଶ ମହାରଣା, ପ୍ରସ୍ତର ଶିଳ୍ପୀ ଅଭୟ କୁମାର ମହାନ୍ତି, ପଟଚିତ୍ର କଳାକାର ପ୍ରଣବ ନାରାୟଣ ଦାସ, କେନ୍ଦରା (ବାନାମ୍) ତିଆରି କରୁଥିବା ଆଦିବାସୀ ଶିଳ୍ପୀ ଉଦୟ ମୁର୍ମୁ ପ୍ରମୁଖଙ୍କ ମୃତ୍ୟୁ ଘଟିଛି। କିଏ କରୋନାରେ ତ କିଏ ଚିକିତ୍ସା ପାଇଁ ଅର୍ଥ ଅଭାବରୁ ଆଖି ବୁଜିଛନ୍ତି। ପୂର୍ବରୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ହସ୍ତଶିଳ୍ପୀଙ୍କ ପାଇଁ ଆମ୍ ଆଦ୍‌ମୀ ବୀମା ଯୋଜନା ଓ ବୁଣାକାରଙ୍କ ପାଇଁ ମହାତ୍ମାଗାନ୍ଧୀ ବୁଣାକାର ବୀମା ଯୋଜନା କାର୍ଯ୍ୟକାରୀ କରାଯାଉଥିଲା। ଏହାକୁ ଏବେ ବନ୍ଦ କରି ଦିଆଯାଇଛି। ସେହିପରି ପୂର୍ବରୁ ଥିବା ସ୍ୱାସ୍ଥ୍ୟ ବୀମାକୁ ମଧ ୫/୬ବର୍ଷ ହେବ ବନ୍ଦ କରି ଦିଆଯାଇଛି। କରୋନା କାଳରେ ଗୋଟିଏ ପଟେ ଏମାନେ ଜୀବିକା ହରାଇ ବସୁଥିବାବେଳେ ଅନ୍ୟପକ୍ଷେ ଜୀବନ ମଧ ହରାଉଛନ୍ତି। ତେଣୁ ଏଭଳି କ୍ଷେତ୍ରରେ ଏମାନଙ୍କ ପାଇଁ ସ୍ୱାସ୍ଥ୍ୟ ଓ ଜୀବନ ବୀମା ଯୋଜନାର ନିହାତି ଆବଶ୍ୟକ ରହିଛି। ଗତ ୨ବର୍ଷ ଧରି ଲକ୍‌ଡାଉନ୍, ଶଟ୍‌ଡାଉନ୍ ପାଇଁ ପର୍ଯ୍ୟଟନ ଶିଳ୍ପ ବନ୍ଦ ହୋଇପଡିଛି। ପ୍ରସିଦ୍ଧ ରଘୁରାଜପୁରକୁ ପର୍ଯ୍ୟଟକ ଆସୁ ନ ଥିବାରୁ ଏହା ଉପରେ ନିର୍ଭର କରୁଥିବା ଶିଳ୍ପୀଙ୍କ ଭାତହାଣ୍ଡି ଉଜୁଡି ଯାଇଛି। ସେହିପରି କୋଣାର୍କ, ନିମାପଡା, ପୁରୀ, ପିପିଲି ହାଟ, ଭୁବନେଶ୍ୱରର ଏକାମ୍ର ହାଟ ସମେତ ସମସ୍ତ ପ୍ରଦର୍ଶନୀ ବନ୍ଦ ରହିଛି। ଫଳରେ ଶିଳ୍ପୀ ଓ ବୁଣାକାରମାନେ ନିଜର ସାମଗ୍ରୀ କେଉଁଠାରେ ବିକ୍ରି କରିବେ ଓ କିପରି ପରିବାର ଚଳାଇବା ସେ ନେଇ ଚିନ୍ତାରେ ଅଛନ୍ତି।

### ବୀମା କାର୍ଯ୍ୟକାରୀ ହେଉ

୨୦୧୮ରେ ମୁଖ୍ୟମନ୍ତ୍ରୀ କଳାଭୂମିରେ ଶିଳ୍ପୀ, ବୁଣାକାରଙ୍କ ଉନ୍ନତି ପାଇଁ ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଉନ୍ନୟନ ପରିଷଦ ଆରମ୍ଭ କରିଥିଲେ। ସେମାନଙ୍କ ପାଇଁ ୨୦ କୋଟି ଟଙ୍କା ଦେଇଥିଲେ। ମାତ୍ର ଏହା ଖର୍ଚ୍ଚ ନ ହୋଇ ପଡି ରହିଛି। ସରକାରଙ୍କ ଅବହେଳା କାରଣରୁ ଶିଳ୍ପୀକୁଳ ଏବେ ବୁଡି ଯିବାକୁ ବସିଲେଣି। ତୁରନ୍ତ ଶିଳ୍ପୀ ଓ ବୁଣାକାରଙ୍କ ପାଇଁ ପୂର୍ବରୁ ଲାଗୁ ହେଉଥିବା ଜୀବନ ବୀମା କାର୍ଯ୍ୟକାରୀ କରାଯିବା ଆବଶ୍ୟକ।

**-ପ୍ରିୟ ରଞ୍ଜନ କର, ସମ୍ପାଦକ, ଓଡ଼ିଶା ଶିଳ୍ପୀ ମହାସଂଘ**

### ବୁଣିବାକୁ ସୂତା ନାହିଁ, ବୁଣା ଲୁଗା ବୟନିକା ନେଉନାହିଁ

କରେନା ପାଇଁ ସମସ୍ତ ବୁଣାକାର ହା ହୁତାଶ ଭିତରେ ହାତ ବାନ୍ଧି ବସିଛୁ। ଆମ ପାଖରେ ଲୁଗା ବୁଣିବାକୁ ସୂତା ନାହିଁ। ବୁଣା ହୋଇଥିବା ଲୁଗା ବୟନିକା ନେଉନାହିଁ। ୩/୪ ବର୍ଷ ହେବ ବୁଣାକାର ଜୀବନ ବୀମା ଓ ସ୍ୱାସ୍ଥ୍ୟ ବୀମା ବନ୍ଦ କରି ଦେଇଛନ୍ତି। ପୂର୍ବରୁ ବୁଣାକାରଙ୍କୁ ଦିଆଯାଉଥିବା ଚଷମା ମଧ ବନ୍ଦ ଅଛି। ତୁରନ୍ତ ଏସବୁକୁ ଲାଗୁ କରିବା ସହ ଚାଷୀଙ୍କ ଭଳି ବୁଣାକାରଙ୍କୁ ମଧ ବିନା ସୁଧରେ ଋଣ ପ୍ରଦାନ କରାଯାଉ।

**-ଜମ୍ବେଶ୍ୱର ବେହେରା, ବୁଣାକାର**

### କେନ୍ଦ୍ର ସରକାରଙ୍କୁ ଜଣାଇଛୁ

ହସ୍ତଶିଳ୍ପୀଙ୍କ ସାମଗ୍ରୀର ବିକ୍ରିବଟା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଉତ୍କଳିକା ମାର୍କେଟିଂ କାର୍ଯ୍ୟ କରୁଛି। ଉତ୍କଳିକା ଅନ୍ତର୍ଜାତୀୟ ବଜାରରେ ଏଥିପାଇଁ କ୍ଷେତ୍ର ପ୍ରସ୍ତୁତ କରିଥାଏ। ମାତ୍ର କରୋନା ପାଇଁ କୌଣସି ପ୍ରଦର୍ଶନୀ ଆୟୋଜନ କରାଯାଇ ପାରୁନାହିଁ। ସ୍ଥିତିରେ ସୁଧାର ଆସିଲେ ବର୍ଷା ଦିନେ ମଧ ଇନ୍‌ଡୋର୍ ପ୍ରଦର୍ଶନୀ ପାଇଁ ଯୋଜନା ରଖାଯାଇଛି। ତେବେ ସର୍ବ ଭାରତୀୟ ସ୍ତରରେ ଏବେ ସମସ୍ତ ବୀମା ବନ୍ଦ ରହିଛି। ଏନେଇ ଆମେ ଭାରତ ସରକାରଙ୍କୁ ଚିଠି ଲେଖିଛୁ।

**-ସନାତନ ନାୟକ, ନିର୍ଦ୍ଦେଶକ, ହସ୍ତଶିଳ୍ପ ବିଭାଗ**

## ସାଇକେଲ ଚାଳନା ପ୍ରସାର ଉପରେ ଗୁରୁତ୍ୱ

ଭୁବନେଶ୍ୱର, ୪।୬(ବ୍ୟୁରୋ)

ରୋଟାରୀ କ୍ଲବ୍ ଇକୋ ପକ୍ଷରୁ ଅନ୍‌ଲାଇନ୍ ଜରିଆରେ ଶୁକ୍ରବାର ବିଶ୍ୱ ସାଇକେଲ ଦିବସ ପାଳିତ ହୋଇଯାଇଛି। ଏଥିରେ ରୋଟାରୀ କ୍ଲବ ଇକୋର ସଭାପତି ରାମକୃଷ୍ଣ ଦାଶ ପୌରହିତ୍ୟ କରିଥିଲେ। ରୋଟାରୀ ୩୨୬୨ ଜିଲାର ଗଭର୍ନର ସୌମ୍ୟ ରଞ୍ଜନ ମିଶ୍ର ସ୍ୱାଗତ ଭାଷଣ ଦେବା ସହ ଆର୍ଥିକ ପ୍ରଗତି, ସ୍ୱାସ୍ଥ୍ୟ ରକ୍ଷା ଓ ପରିବେଶ ସୁରକ୍ଷା ପାଇଁ ସାଇକେଲ ଚାଳନାର ପ୍ରଚାର, ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟ ଅତିଥି ଭାବେ କ୍ରୀଡ଼ା ଏବଂ ଯୁବ ସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇ ସାଇକେଲର ବ୍ୟବହାର ପାଇଁ ମାନସିକତା ବଦଳିବା ସହ ଏହାର ପ୍ରୋତ୍ସାହନ ପାଇଁ ସଚେତନତା ସୃଷ୍ଟି କରିବାକୁ ଆହ୍ୱାନ ଜଣାଇଥିଲେ। ମୁଖ୍ୟ ବକ୍ତା ଭାବେ ପରିବହନ କମିଶନର ସଞ୍ଜୀବ ପଣ୍ଡା ଯୋଗଦେଇ ଦିନକୁ ୧୦ କିଲୋମିଟର ସାଇକେଲ ଚାଳନା କରି ଜନସାଧାରଣଙ୍କ ପାଇଁ ଆଦର୍ଶ ପାଳଟିବାକୁ ଆହ୍ୱାନ ଦେଇଥିଲେ। ବିଶ୍ୱ ଓଡ଼ିଶା ସମାଜର ଅଧକ୍ଷ କିଶୋର ଦ୍ୱିବେଦୀ ସାଇକେଲ ଚାଳନାକୁ ଦୈନନ୍ଦିନ ଜୀବନର କାର୍ଯ୍ୟସୂଚୀରେ ଅନ୍ତର୍ଭୁକ୍ତ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଅର୍ଜୁନ ପୁରସ୍କାର ବିଜେତା ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ସାଇକେଲ ଚାଳକ ମିନତୀ ମହାପାତ୍ର, ମୋ କଲେଜ ଅଧକ୍ଷ ଆକାଶ ଦାସନାୟକ, ଆମ୍ବେଦକର ଫାଉଣ୍ଡେଶନର ନିର୍ଦ୍ଦେଶକ ଡ. ଦେବେନ୍ଦ୍ର ମାଝି ପ୍ରମୁଖ ଉପସ୍ଥିତ ଥିଲେ।

## ଭୁବନେଶ୍ୱରରେ ଏ କି ସ୍ଥିତି...



ସଂକ୍ରମଣ ରୋକିବାକୁ ଲକ୍‌ଡାଉନ୍ ଓ ସପ୍ତାହାନ୍ତ ଶଟ୍‌ଡାଉନ୍ ଜାରି ରହିଛି। ହେଲେ ଶଟ୍‌ଡାଉନ୍ ପୂର୍ବରୁ ପ୍ରତି ଶୁକ୍ରବାର ରାଜଧାନୀ ଭୁବନେଶ୍ୱର ରାସ୍ତାରେ ହେଉଥିବା ଏପରି ଭିଡ଼ ସଂକ୍ରମଣ ବୃଦ୍ଧି ପାଇଁ ସୁଯୋଗ ଦେଉଛି।

# ୭୫୩ ପଜିଟିଭ୍ ଚିହ୍ନଟ, ପୁଣି ୩ ମୃତ

ଭୁବନେଶ୍ୱର,୪।୬(ବ୍ୟୁରୋ)

ରାଜଧାନୀରେ କରୋନା ସ୍ଥିତିରେ ଉନ୍ନତି ଆସୁଥିବାବେଳେ ମୃତ୍ୟୁ ସଂଖ୍ୟାରେ କିନ୍ତୁ ବ୍ରେକ୍ ଲାଗିପାରୁ ନାହିଁ। ତେବେ ଦୈନିକ ୨ରୁ ୩ଜଣ ସଂକ୍ରମିତଙ୍କ ମୃତ୍ୟୁ ହେଉଥିବାରୁ ସ୍ଥିତି ଉଦ୍‌ବେଗଜନକ ରହିଛି। ଗତ ୨୪ ଘଣ୍ଟାରେ ୩ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିବାରୁ ଏହି ସଂଖ୍ୟା ୩୪୮ରେ ପହଞ୍ଚିଛି। ଏବେ ରାଜଧାନୀରେ ଆକ୍ରାନ୍ତଙ୍କ ଅପେକ୍ଷା ସୁସ୍ଥଙ୍କ ହାର ଅଧିକ ରହୁଛି। ସେହିପରି ଗୋଟିଏ ଦିନରେ ବିଏମ୍‌ସି ଅଞ୍ଚଳରୁ ୭୫୩ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୨୬ଜଣ କ୍ୱାରାଣ୍ଟାଇନ୍‌ରୁ ହୋଇଥିବାବେଳେ ୬୨୨ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ପଟିଆ ଅଞ୍ଚଳରୁ ସର୍ବାଧିକ ୪୭ଜଣ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ନୟାପଲ୍ଲୀରୁ ୪୨ଜଣ, ଶୈଳଶ୍ରୀ ବିହାରରୁ ୨୭, ପୁରୁଣା ଭୁବନେଶ୍ୱରରୁ ୨୩, ଲକ୍ଷ୍ମୀସାଗରରୁ ୨୦, ଖଣ୍ଡଗିରିରୁ ୧୮, ନୀଳାଦ୍ରି ବିହାରରୁ ୧୦, ଶହୀଦ ନଗରରୁ ୧୨, ମଞ୍ଚେଶ୍ୱରରୁ ୧୬, ପାତ୍ରପଡାରୁ ୧୩, ୟୁନିଟ-୮ରୁ ୧୦, ୟୁନିଟ-୬ରୁ ୧୨, ବିଜେବି ନଗରରୁ ୧୧, ଡୁମୁଡୁମାରୁ ୧୬, ଆଇଆର୍‌ସି ଭିଲେଜରୁ ୧୦, ଆଚାର୍ଯ୍ୟ ବିହାରରୁ ୧୨, ବଡଗଡରୁ ୧୯, ବମିଖାଲରୁ ୧୨, ବରମୁଣ୍ଡାରୁ ୧୩, ଚନ୍ଦ୍ରଶେଖରପୁରରୁ ୨୮, ଝାରପଡାରୁ ୨୨, ଭିମଟାଙ୍ଗୀ, ଚିନ୍ତାମଣିଶ୍ୱର, ଜାଗମରା, ପୋଖରୀପୁଟରୁ ୭ଜଣ ଲେଖାଏ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ନୂତନ ସଂକ୍ରମିତଙ୍କୁ ମିଶାଇ ରାଜଧାନୀରେ ସଂକ୍ରମିତଙ୍କ ସଂଖ୍ୟା ୭୯,୩୨୭ରେ ପହଞ୍ଚିଛି। ସେହିପରି ୨୪ ଘଣ୍ଟାରେ ୧୨୭୫ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏହାକୁ ମିଶାଇ ସୁସ୍ଥଙ୍କ ସଂଖ୍ୟା ୬୮,୮୨୭ରେ ପହଞ୍ଚିଛି। ତେବେ ୧୦,୧୩୧ ସକ୍ରିୟ ଆକ୍ରାନ୍ତଙ୍କର ଚିକିତ୍ସା ଜାରି ରହିଛି।

## ୧୮ରୁ ୪୪ ବର୍ଷୀୟଙ୍କୁ ଦ୍ୱିତୀୟ ଡୋଜ୍ ଟିକା ୮ରୁ

ଭୁବନେଶ୍ୱର, ୪।୬ (ବ୍ୟୁରୋ)

ରାଜଧାନୀରେ ୧୮ରୁ ୪୪ ବର୍ଷୀୟଙ୍କ ଦ୍ୱିତୀୟ ଡୋଜ୍ ଟିକାକରଣ ପାଇଁ ବିଏମ୍‌ସି ପକ୍ଷରୁ ସ୍ୱତନ୍ତ୍ର ପ୍ରସ୍ତୁତି କରାଯାଇଛି। ଆସନ୍ତା ୮ ତାରିଖରୁ ଏନେଇ ସ୍ୱତନ୍ତ୍ର ଡ୍ରାଇଭ୍ ଆରମ୍ଭ କରାଯିବ। ଗତ ମେ ୩, ୪ ଓ ୫ରେ ଟିକା ନେଇଥିବା ହିତାଧିକାରୀଙ୍କୁ ଆସନ୍ତା ୮,୯ ଓ ୧୦ ତାରିଖରେ ଦ୍ୱିତୀୟ ଡୋଜ୍ ଟିକା ପ୍ରଦାନ କରାଯିବ। ଟିକାର ଅଭାବ ପାଇଁ ଏବେ ମୋବିଲାଇଜେଶନ ସେଣ୍ଟରଗୁଡିକ ବନ୍ଦ ଥିବାବେଳେ ଖୁବ୍‌ଶୀଘ୍ର ଏହାକୁ ପୁଣିଥରେ ଖୋଲାଯାଇ ଟିକାକରଣ କରାଯିବ। ଏନେଇ ବିଏମ୍‌ସି ପକ୍ଷରୁ ହିତାଧିକାରୀଙ୍କୁ ସୂଚନା ଦିଆଯିବ ବୋଲି ବିଏମ୍‌ସିର ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ ସୂଚନା ଦେଇଛନ୍ତି। ସେହିପରି ପୂର୍ବରୁ ଯେଉଁସବୁ ସ୍ଥାନରେ ଟିକାକରଣ କରାଯାଉଥିଲା ସେହିଠାରେ ହିଁ ଦ୍ୱିତୀୟ ଡୋଜ୍ ଦିଆଯିବ। ତେବେ ଯେଉଁମାନେ କୋୱିନ୍ ଆପ୍ ଜରିଆରେ ସ୍ଲଟ୍ ବୁକିଂ କରି ପ୍ରଥମ ଡୋଜ୍ ଟିକା ନେଇଛନ୍ତି, ସେମାନଙ୍କୁ ଦ୍ୱିତୀୟ ଡୋଜ୍ ପାଇଁ ପୁଣି ଥରେ ସ୍ଲଟ୍ ବୁକିଂ କରିବାକୁ ପଡିବ ବୋଲି ଅତିରିକ୍ତ କମିଶନର ସୂଚନା ଦେଇଛନ୍ତି।

## ବିଏମ୍‌ସି ପକ୍ଷରୁ ବିମାନ ଯାତ୍ରୀଙ୍କ ଆର୍‌ଟିପିସିଆର୍ ଯାଞ୍ଚ

**ଭୁବନେଶ୍ୱର,୪।୬(ବ୍ୟୁରୋ):** ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ସ୍ୱତନ୍ତ୍ର କ୍ୟାମ୍ପର ବ୍ୟବସ୍ଥା କରାଯାଇଛି। ଏଠାରେ ଭୁବନେଶ୍ୱରକୁ ବିମାନ ଯୋଗେ ଆସୁଥିବା ସମସ୍ତ ଯାତ୍ରୀଙ୍କର ଆର୍‌ଟିପିସିଆର୍ ନେଗେଟିଭ୍ ରିପୋର୍ଟ ଯାଞ୍ଚ କରାଯାଉଛି। ଏହି ରିପୋର୍ଟ ୪୮ଘଣ୍ଟା ମଧ୍ୟରେ ହୋଇଥିବା ଜରୁରୀ। ନେଗେଟିଭ୍ ରିପୋର୍ଟ ନ ଥିବା ଯାତ୍ରୀଙ୍କର ଦୁଇଟି ଡୋଜ୍ ଟିକାର ସାର୍ଟିଫିକେଟ୍ ଯାଞ୍ଚ କରାଯାଉଥିଲା। ଯେଉଁମାନଙ୍କର ଏହି ଦୁଇଟି ରିପୋର୍ଟ ନାହିଁ, ସେମାନଙ୍କର ବାଧ୍ୟତାମୂଳକ କୋଭିଡ୍ ଟେଷ୍ଟ କରାଯାଉଥିବା ଦେଖାଯାଇଥିଲା।

# ବଜାରରେ ବ୍ୟବସାୟୀଙ୍କ କୋଭିଡ୍ ପରୀକ୍ଷା

ଭୁବନେଶ୍ୱର, ୪।୬ (ବ୍ୟୁରୋ)



ନୀଳାଦ୍ରିବିହାର ମାଛ ମାର୍କେଟରେ ଜଣେ ବ୍ୟବସାୟୀଙ୍କର ନମୁନା ସଂଗ୍ରହ କରାଯାଉଛି।

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ କାର୍ଯ୍ୟସ୍ଥଳରେ ବ୍ୟବସାୟୀଙ୍କ କୋଭିଡ୍ ପରୀକ୍ଷଣ ଆରମ୍ଭ ହୋଇଛି। ଶୁକ୍ରବାର ନର୍ଥ ଜୋନ୍ ଅନ୍ତର୍ଗତ ନୀଳାଦ୍ରିବିହାର ତାରିଣୀ ମାର୍କେଟ୍‌ରେ ପରିବା, ମାଛ, ମାଂସ ବ୍ୟବସାୟୀଙ୍କ ନମୁନା ସଂଗ୍ରହ କରାଯାଇଥିଲା। ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ ଓ ଜୋନାଲ୍ ଡେପୁଟି କମିଶନର ପୁରନ୍ଦର ନନ୍ଦ ଉପସ୍ଥିତ ରହି ବ୍ୟବସାୟୀଙ୍କୁ କୋଭିଡ୍ ପରୀକ୍ଷଣର ଉପାଦେୟତା ସମ୍ପର୍କରେ ବୁଝାଇବା ସହ ଏଥିପାଇଁ ଉତ୍ସାହିତ କରିଥିଲେ। ପଜିଟିଭ୍ ବାହାରିଲେ ଆବଶ୍ୟକ ଚିକିତ୍ସା ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ସୂଚନାଯୋଗ୍ୟ, ବ୍ୟବସାୟୀମାନେ ଦୈନିକ ହାଟ ବଜାରକୁ ଆସୁଛନ୍ତି। ଜଣେ ବ୍ୟବସାୟୀ ଅତି କମ୍‌ରେ ୩୦ରୁ ଅଧିକ ଲୋକଙ୍କ ସଂସ୍ପର୍ଶରେ ଆସିଥାନ୍ତି। କୌଣସି ବ୍ୟବସାୟୀ କରୋନାରେ ଆକ୍ରାନ୍ତ ଥିଲେ ଅଜାଣତରେ ସଂକ୍ରମଣ ବ୍ୟାପିବାର ବହୁ ଆଶଙ୍କା ରହୁଛି। ତେଣୁ ଟେଷ୍ଟର ଜରୁରୀ ଆବଶ୍ୟକତା ରହିଛି। ସମ୍ପୃକ୍ତ ବ୍ୟବସାୟୀ ମଧ ନିଜ ସ୍ୱାସ୍ଥ୍ୟକୁ ଜଗି ପାରିବେ ବୋଲି ଜୋନାଲ୍ ଡେପୁଟି କମିଶନର ନନ୍ଦ କହିଛନ୍ତି।

## ନଗସପୁର ପଞ୍ଚାୟତରେ ସଂକ୍ରମଣ ଅଣାୟତ୍ତ

**ନିଶ୍ଚିନ୍ତକୋଇଲି, ୪।୬ (ସ୍ୱ.ପ୍ର/ଡି.ଏନ.ଏ):** ନିଶ୍ଚିନ୍ତକୋଇଲି ବ୍ଲକର ନଗସପୁର ପଞ୍ଚାୟତରେ କରୋନା ସଂକ୍ରମଣ ଅଣାୟତ୍ତ ହୋଇଯାଇଛି। ଜଣେ ସୁପର ସ୍ପ୍ରେଡର ପଞ୍ଚାୟତର ବିଭିନ୍ନ ସ୍ଥାନକୁ ଯାଇ ସଂକ୍ରମଣ ବଢ଼ାଇଛନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଶୁକ୍ରବାର କଣ୍ଟାକ୍ଟ ଟ୍ରେସିଂ ପରେ ୨୦ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏ ସମ୍ପର୍କରେ ବିଡିଓ କର୍ଣ୍ଣଦେବ ସମାଦ୍ଦାର କୁହନ୍ତି, ପଞ୍ଚାୟତରେ ମାଇକ୍ରୋ କଣ୍ଟେନ୍‌ମେଣ୍ଟ କରାଯାଇଛି। ଏଠାକୁ ପ୍ରବେଶ ଓ ପ୍ରସ୍ଥାନ ଉପରେ ରୋକ ଲଗାଯାଇଛି। ନିଶ୍ଚିନ୍ତକୋଇଲି ବ୍ଲକରେ ମୋଟ ୭୧୫ ପଜିଟିଭ କେସ୍ ଥିବା ବେଳେ ୧୪ ଜଣଙ୍କ ମୃତ୍ୟୁ ଘଟିଛି। ବ୍ଲକରେ ୩୧ ଜଣ ଶିଶୁ ସଂକ୍ରମିତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨୮ ଜଣ ଗୃହ ସଙ୍ଗରୋଧରେ ରହିଛନ୍ତି। ୩ ଜଣ ବିଭିନ୍ନ ମେଡିକାଲରେ ଚିକିତ୍ସିତ ହେଉଛନ୍ତି।

# ଦିନକୁ ୧ କୋଟିଙ୍କୁ ଟିକା ଦିଅ: କଂଗ୍ରେସ

ଭୁବନେଶ୍ୱର,୪।୬(ବ୍ୟୁରୋ)




ରାଜଭବନ ସମ୍ମୁଖରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ନିଃଶୁଳ୍କ ସାର୍ବଜନୀନ ଟିକାକରଣ ସହ ଦୈନିକ ୧ କୋଟି ଭାରତୀୟଙ୍କୁ ଟିକା ଦେବାକୁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି, ଏଆଇସିସି ସମ୍ପାଦକ ତଥା ଏମ୍‌ପି ସପ୍ତଗିରି ଉଲ୍ଲାକା, ବିଧାୟକ ସୁରେଶ ରାଉତରାୟ ଏବଂ ମହମ୍ମଦ ମୋକିମ ପ୍ରମୁଖ କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଛନ୍ତି। ୧୮ରୁ ୪୪ ବର୍ଷୀୟଙ୍କ ଲାଗି ରାଜ୍ୟରେ ଟିକା ପାଇଁ ଅର୍ଡର ଦିଆସରିଛି ବୋଲି ୨୫ ଏପ୍ରିଲରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରିଥିବା ଟୁଇଟ୍ ଲୋକଙ୍କୁ ବିଭ୍ରାନ୍ତ କରିବା ପାଇଁ ଉଦ୍ଦିଷ୍ଟ ବୋଲି ପ୍ରଦୀପ ମାଝି କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଓଡ଼ିଶା ଗସ୍ତବେଳେ ଟିକାକରଣକୁ ନେଇ ମୁଖ୍ୟମନ୍ତ୍ରୀ କିଛି କହି ନ ଥିବାବେଳେ ଏବେ ଚିଠି ଲେଖିବା ଏକ ନାଟକବାଜି ବୋଲି ସେ ସମାଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀ ୨୦୨୧ରେ କରୋନାକୁ ହରାଇଛୁ ବୋଲି ଯେଉଁ ଘୋଷଣା କରିଥିଲେ ତାହା ଏକ ପ୍ରତାରଣା ଥିଲା ବୋଲି ନବନିଯୁକ୍ତ ଏଆଇସିସି ସମ୍ପାଦକ ସପ୍ତଗିରି ଉଲ୍ଲାକା କହିଛନ୍ତି। କେନ୍ଦ୍ରର କୋୱିନ ପୋର୍ଟାଲ ମାଧ୍ୟମରେ ଆଦିବାସୀ ଅଞ୍ଚଳରେ ଭାକ୍ସିନ ପାଇବା ପାଇଁ ରେଜିଷ୍ଟ୍ରେଶନ କରିବା ସମ୍ଭବ ନୁହେଁ। ସେହି ଅଞ୍ଚଳକୁ କୋୱିନ ପୋର୍ଟାଲରୁ ବାଦ୍ ଦିଅନ୍ତୁ ବୋଲି ଉଲ୍ଲାକା ଦାବି କରିଛନ୍ତି। ସେହିପରି ବିଧାୟକ ସୁରେଶ ରାଉତରାୟ କହିଛନ୍ତି,

### ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳଙ୍କୁ ସ୍ମାରକପତ୍ର

କୋଭିଡ୍ ନିୟନ୍ତ୍ରଣରେ ସରକାର ସମ୍ପୂର୍ଣ୍ଣ ବିଫଳ। ଲୋକଙ୍କ ଜୀବନ ବଞ୍ଚାଇବା ପାଇଁ ସରକାର ଶୀଘ୍ର ଘର ଘର ବୁଲି ଟେଷ୍ଟିଂ କରି ନିଃଶୁଳ୍କ ଟିକା ଦିଅନ୍ତୁ, ନଚେତ ହଜାର ହଜାର ଲୋକ ପୋକମାଛି ପରି ମରିବେ। ଖାଲି ଲକ୍‌ଡାଉନ ଓ ଶଟ୍‌ଡାଉନ ନ କରି ସମସ୍ତଙ୍କୁ ଟିକା ଦେବାକୁ ପଡ଼ିବ ବୋଲି କଟକ ବାରବାଟୀ ବିଧାୟକ ମହମ୍ମଦ ମୋକିମ କହିଛନ୍ତି। କାର୍ଯ୍ୟକାରୀ ସଭାପତି ମାଝିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜଭବନ ସମ୍ମୁଖରେ ପ୍ଲାକାର୍ଡ ଧରି ପ୍ରତିବାଦ କରିବା ସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏଥିରେ ପିସିସିର ପୂର୍ବତନ ସଭାପତି ଶରତ ପଟ୍ଟନାୟକଙ୍କ ସମେତ ଶିବାନନ୍ଦ ରାୟ, ଶୁଭେନ୍ଦୁ ମହାନ୍ତି, ରଶ୍ମି ମହାପାତ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଭଙ୍ଗାଗଲା ମନ୍ଦିର, ପାଚେରି

କଟକ ଅଫିସ,୪।୬



ମନ୍ଦିର ଭଙ୍ଗାଯାଉଛି।

କଟକ ଖାନ୍‌ନଗରଠାରେ ପ୍ରସ୍ତାବିତ ନେତାଜୀ ବସ୍ ଟର୍ମିନାଲ ପାଇଁ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଛି। ଶୁକ୍ରବାର ଛତ୍ରଗଡା ରାସ୍ତା ପାର୍ଶ୍ୱରେ ଥିବା ମନ୍ଦିର ଓ ପାଚେରିଗୁଡିକ ଭଙ୍ଗାଯାଇଥିଲା। ଜିଲାପାଳ ଭବାନୀ ଶଙ୍କର ଚୟନୀ, କଟକ ମହାନଗର ନିଗମ(ସିଏମ୍‌ସି) ଅଧିକାରୀ ପରେଶ କୁମାର ନାୟକ ଉଚ୍ଛେଦ ସ୍ଥଳରେ ଉପସ୍ଥିତ ରହି ସ୍ଥିତି ଅନୁଧ୍ୟାନ ଅନୁଧ୍ୟାନ କରିଥିଲେ। ଏ ସମ୍ପର୍କରେ ଜିଲାପାଳ କହିଛନ୍ତି, ବସ୍ ଟର୍ମିନାଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ସରକାରୀ ଓ ବେସରକାରୀ ସ୍ଥାନରୁ ଉଚ୍ଛେଦ କରାଯାଇଥିବାବେଳେ ପ୍ରାୟ ୨୦ ଏକର ଜାଗା ଚିହ୍ନଟ ହୋଇସାରିଛି। ବସ୍ ଟର୍ମିନାଲ ପାଇଁ ଦୁଇଟି ଚଉଡା ରାସ୍ତା ନିର୍ମାଣ କରାଯିବା ଯୋଜନା ରହିଛି। ଗୋଟିଏ ପଟେ

### ନେତାଜୀ ବସ୍ ଟର୍ମିନାଲ ପାଇଁ ଉଚ୍ଛେଦ

ଦୂରଗାମୀ ବସ୍ ଓ ଅନ୍ୟପଟେ ମୋ ବସ୍ ଯାତାୟାତ କରିବ। ଆସନ୍ତା ୯ ମାସ ମଧ୍ୟରେ ବସ୍ ଟର୍ମିନାଲ ନିର୍ମାଣ କାର୍ଯ୍ୟ ସରିବ ବୋଲି ଜିଲାପାଳ କହିଛନ୍ତି।

## ସାଲେପୁରରେ ୩୪ ପଜିଟିଭ୍ ଚିହ୍ନଟ

ସାଲେପୁର,(ଡି.ଏନ୍.ଏ.): ସାଲେପୁର ବ୍ଲକରେ ୩୪ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଶୁକ୍ରବାର ୧୪୩ ଜଣଙ୍କ କରୋନା ଟେଷ୍ଟ ହୋଇଥିଲା। ସେମାନଙ୍କ ମଧ୍ୟରେ ଏସବୁ ପଜିଟିଭ ଚିହ୍ନଟ ହୋଇଛନ୍ତି। ବ୍ଲକ ଅନ୍ତର୍ଗତ ମାଛୁଆତି ଗ୍ରାମରେ ଜଣେ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବାବେଳେ ଏକାଧିକ ବ୍ୟକ୍ତି ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏନେଇ ଅଗ୍ନିଶମ ବିଭାଗ ପକ୍ଷରୁ ମାଛୁଆତି ତାରିଣୀ ଛକଠାରୁ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ରାସ୍ତାକୁ ସାନିଟାଇଜ୍ କରାଯାଇଛି।

## ସଂକ୍ଷେପରେ

### ବେଆଇନ ବାଲିଚାଲାଣ, ୪ ହାଇୱା ଜବତ

**କଟକ ଅଫିସ,୪।୬:** କାଠଯୋଡି ନଦୀର ବିଭିନ୍ନ ବାଲିଘାଟରେ ଶୁକ୍ରବାର ସକାଳେ କଟକ ସଦର ତହସିଲ ପକ୍ଷରୁ ଚଢାଉ କରାଯାଇ ବେଆଇନ ବାଲିଚାଲାଣ ଅଭିଯୋଗରେ ୪ ହାଇୱାକୁ ଜବତ କରାଯାଇଥିଲା। ତେବେ ନଦୀର କୋରକରା ଘାଟରୁ ବାଲି ଉଠାଉ ଥିବା ଗୋଟିଏ ହାଇୱାଠାରୁ ୫୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇ ଛାଡି ଦିଆଯାଇଛି। ଅନ୍ୟ ୩ ଗାଡିକୁ କଟକ ସଦର ପୋଲିସ ଜିମାରେ ରଖାଯାଇଛି । କାଠଯୋଡି ନଦୀର ବିଭିନ୍ନ ଘାଟରୁ ବାଲି ଚୋରା ଚାଲାଣ ହେଉଥିବା ଅଭିଯୋଗ ହୋଇଥିଲା। ଏହି ଅଭିଯୋଗ ଭିତ୍ତିକରି ତହସିଲଦାର ସମ୍ବିତ ଗଡନାୟକ, ଅତିରିକ୍ତ ତହସିଲଦାର ସଞ୍ଜୟ କୁମାର ପଣ୍ଡା, ସୁପରଭାଇଜର ଅନାଦୀ ଚରଣ ଦେହୁରୀ, ରେଭିନ୍ୟୁ ଇନ୍ସପେକ୍ଟର ସତ୍ୟରଞ୍ଜନ ବେହେରା, ବିଶ୍ୱ ପ୍ରଧାନ, ଅରୁଣ ବିଶ୍ୱାଳ, ଗଣେଶ ଗୋଚ୍ଛାୟତ ପ୍ରମୁଖ ଚଢଉରେ ସାମିଲ ଥିଲେ । ସଦର ଥାନା ଅଧିକାରୀ ଏସ.ବି. ଜେନା ଚଢଉ ସମୟରେ ଉପସ୍ଥିତ ଥିଲେ ।

### ରକ୍ତଦାନ ଶିବିର

**କଟକ ଅଫିସ, ୪।୬:** ବାରବାଟୀ-କଟକ ଯୁବ କଂଗ୍ରେସ ପକ୍ଷରୁ ପୁରୀଘାଟସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ରକ୍ତଦାନ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରୁ ୩୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ବିଧାୟକ ଇଂ. ମହମ୍ମଦ ମୋକିମଙ୍କ ଆହ୍ୱାନକ୍ରମେ ସନ୍ତୋଷ ପାତ୍ର, ନଗର କଂଗ୍ରେସ ସଭାନେତ୍ରୀ ଗିରିବାଳା ବେହେରା, ଅଶ୍ୱିନୀ ମହାରଣା, କ୍ଷୀରୋଦ ସାହୁ, ରାଜ୍ୟ ଯୁବ କଂଗ୍ରେସ ଉପସଭାପତି ମହମ୍ମଦ ଅଲିମ ଓ ବିକି ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ।

### ମଦ ଦୋକାନରୁ ଚୋରି

**ଚୌଦ୍ୱାର,୪।୬(ଡି.ଏନ.ଏ.):** ଚୌଦ୍ୱାର ଥାନା ଅଧୀନ ଧୁମାବତୀ ଛକ ନିକଟ ଏକ ମଦ ଦୋକାନରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଦୋକାନ ବନ୍ଦ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ମୁଖ୍ୟ ଫାଟକର ତାଲା ଓ ସେଠାରେ ଲାଗିଥିବା ସିସିଟିଭିକୁ ଭାଙ୍ଗିଥିଲେ। ପରେ ଦୋକାନରେ ଥିବା ବିପୁଳ ପରିମାଣର ମଦ ଚୋରି କରି ଫେରାର ହୋଇଯାଇଛନ୍ତି। ଏ ନେଇ ଦୋକାନୀ ଅଭିଯୋଗ କରିବା ପରେ ପୋଲିସ ସାଇଣ୍ଟିଫିକ ଟିମ୍ ସହିତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଏ ସମ୍ପର୍କରେ ଥାନାରେ ମାମଲା(ନଂ.୨୩୦/୨୧) ରୁଜୁ ହୋଇଛି।

### ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନୱାଡି କର୍ମୀଙ୍କୁ କିଟ୍ ବଣ୍ଟନ

**କଟକ ସଦର,୪।୬(ଡି.ଏନ.ଏ.):** ୪୨ ମୌଜା ଅଧୀନ ବେଣ୍ଟକାର ହାଇସ୍କୁଲ ପଡିଆରେ ୫୧୦ ସ୍ୱାସ୍ଥ୍ୟକର୍ମୀ, ଆଶା ଓ ଅଙ୍ଗନୱାଡି କର୍ମୀଙ୍କୁ ଶୁକ୍ରବାର କିଟ୍ ବଣ୍ଟନ କରାଯାଇଥିଲା। ଏହି ଅବସରରେ ଆୟୋଜିତ ସଭାରେ କଟକ ସଦର ବିଧାୟକ ଚନ୍ଦ୍ରସାରଥୀ ବେହେରା, ଡା. ବସନ୍ତ କୁମାର ସାହୁ, ବିଡିଓ ରାଜୀବ ଲୋଚନ ପରିଡା, ବ୍ଲକ ଉପାଧକ୍ଷ ବିଭୂତି ଭୂଷଣ ପରିଡା, ସିଡିପିଓ ରଶ୍ମିତା ମହାନ୍ତି, ପ୍ରମୋଦ ମହାପାତ୍ର, ସମର ବେହେରା ହିମାଂଶୁ ଦାସ, ଶରତ ରାୟ, ବୀରବର ଲେଙ୍କା ଓ ସ୍ୱାଧୀନ ଶେଖର ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ବିଧାୟକଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରେ ଏହି କିଟ୍ କିଣାଯାଇଥିଲା।

# କରୋନାରୁ ସୁସ୍ଥ ହୃଦ୍‌ରୋଗୀ ହାର୍ଟ ଚେକ୍ ଅପ୍ କରିବାକୁ ପରାମର୍ଶ

**ଭୁବନେଶ୍ୱର, ୪।୬(ବ୍ୟୁରୋ)**

କରୋନାର ଦ୍ୱିତୀୟ ଲହରରେ ଆରୋଗ୍ୟ ଲାଭ କରିବା ପରେ ଆକ୍ରାନ୍ତଙ୍କ ଶରୀରରେ ଅନ୍ୟାନ୍ୟ ଜଟିଳତା ଦେଖାଯାଉଛି। ଫଳରେ ରୋଗୀ ଗୁରୁତର ହୋଇ ହସ୍ପିଟାଲରେ ଭର୍ତ୍ତି ହେଉଛନ୍ତି। ଏଥିପ୍ରତି ହୃଦ୍‌ରୋଗୀମାନେ ଅଧିକ ଯତ୍ନବାନ ହେବା ପାଇଁ ପରାମର୍ଶ ଦେଇଛନ୍ତି ସ୍ୱାସ୍ଥ୍ୟ ବିଶେଷଜ୍ଞ ତଥା ଇଣ୍ଟରଭେନ୍‌ସନାଲ କାର୍ଡିଓଲୋଜିଷ୍ଟ ଓ କାର୍ଡିଆକ୍ ଇଲେକ୍ଟ୍ରୋଫିଜିଓଲୋଜିଷ୍ଟ ଡା. ଅନୁପମ ଜେନା। ସେ କହିଛନ୍ତି, ଯେଉଁ ହୃଦ୍‌ରୋଗୀମାନେ ପଜିଟିଭ୍ ଚିହ୍ନଟ ହେଉଛନ୍ତି, ସେମାନେ ଆରୋଗ୍ୟ ଲାଭ ପରେ ହାର୍ଟ ଚେକ୍ ଅପ୍ କରିବା ଉଚିତ। ଫଳରେ ଭାଇରସ୍‌ଜନିତ କୌଣସି ପାର୍ଶ୍ୱ ପ୍ରତିକ୍ରିୟାକୁ ଦୂର କରାଯାଇପାରିବ। ନଚେତ୍ ଭବିଷ୍ୟତରେ ହୃଦ୍‌ଘାତର ସମସ୍ୟା ଦେଖାଦେଇପାରେ। ଏସିଆ, ୟୁରୋପ ଓ ୟୁଏସ୍ ହସ୍ପିଟାଲରେ ଭର୍ତ୍ତି ହୋଇଥିବା କରୋନା ରୋଗୀଙ୍କ



ଉପରେ କରାଯାଇଥିବା ଏକ ଅଧ୍ୟୟନରୁ ଜଣାଯାଇଛି ଯେ, କାର୍ଡିଓଭାସ୍କୁଲାର କୋମର୍ବିଡିଟି ବା ପୂର୍ବରୁ କୌଣସି ସମସ୍ୟା ରହିଥିଲେ ହୃତ୍‌ପିଣ୍ଡରେ ଜଟିଳ ସମସ୍ୟା ଦେଖାଯିବାର ଅଧିକ ସମ୍ଭାବନା ରହିଛି। ଅନେକ ସମୟରେ ବିଳମ୍ବରେ ରୋଗ ନିରୂପିତ ହେବା ଯୋଗୁ ରୋଗୀ ହସ୍ପିଟାଲରେ ପହଞ୍ଚିବା ବେଳକୁ ଅନେକ କ୍ଷତି ହୋଇସାରିଥାଏ। ତେଣୁ କରୋନାରୁ ଆରୋଗ୍ୟ ଲାଭ କରିବା ପରେ ସମ୍ପୂର୍ଣ୍ଣ ରୋଗ ନିରୂପଣ ନିଶ୍ଚିତ ଭାବେ କରାଯିବା ଆବଶ୍ୟକ। ଏହାଦ୍ୱାରା ହୃଦ୍‌ଘାତ ବା ହଠାତ୍ କାର୍ଡିଆକ ଆରେଷ୍ଟଜନିତ ବିପଦକୁ ଦୂର କରାଯାଇପାରିବ ବୋଲି ଡା. ଜେନା କହିଛନ୍ତି।

# ବିନା ଭକ୍ତରେ ହେବ ଶ୍ରୀଲିଙ୍ଗରାଜଙ୍କ ଶୀତଳଷଷ୍ଠୀ

**ପୁରୁଣା ଭୁବନେଶ୍ୱର,୪।୬(ଡି.ଏନ୍.ଏ.)**

ଚଳିତ ବର୍ଷ ମହାପ୍ରଭୁଙ୍କ ଶ୍ରୀଲିଙ୍ଗରାଜଙ୍କ ଶୀଳତ ଷଷ୍ଠୀ ଯାତ୍ରା ବିନା ଭକ୍ତରେ ଓ କୋଭିଡ୍ କଟକଣା ମଧ୍ୟରେ ପାଳନ ହେବା ନେଇ ବିଏମ୍‌ସି ପକ୍ଷରୁ ସଙ୍କେତ ମିଳିଛି। ସୂଚନାଥାଉ କି, କୋଭିଡ୍ ପାଇଁ ଗତବର୍ଷ ଶୀତଳ ଷଷ୍ଠୀ ଯାତ୍ରା ବନ୍ଦ ରହିଥିବା ବେଳେ ଚଳିତ ବର୍ଷ ଏହି ଯାତ୍ରା ହେବା ନେଇ ମନ୍ଦିର ପ୍ରଶାସନ ଆଶଙ୍କାରେ ରହିଥିଲା। ଗୁରୁବାର ଅପରାହ୍ନରେ ସେବାୟତ ପ୍ରମୁଖଙ୍କୁ ନେଇ ମନ୍ଦିର ପ୍ରଶାସନ ବିଏମ୍‌ସିକୁ ଏକ ପତ୍ର ଲେଖିଥିଲା। ଶୁକ୍ରବାର ଠାକୁରଙ୍କ ଏହି ଯାତ୍ରା ବିନା ଭକ୍ତ ଓ କୋଭିଡ୍ କଟକଣା ମଧ୍ୟରେ ପାଳନ କରିବାକୁ ବିଏମ୍‌ସି ପକ୍ଷରୁ ଅନୁମତି ମିଳିଛି ବୋଲି ମନ୍ଦିର ଟ୍ରଷ୍ଟ ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାସ କହିଛନ୍ତି। ଏନେଇ ସେବାୟତ, ଶ୍ରଦ୍ଧାଳୁ ଓ ବୁଦ୍ଧିଜୀବୀମାନେ ସନ୍ତୋଷ ବ୍ୟକ୍ତ କରିଛନ୍ତି।

## ସରିଲା ଭଉଁରି ଯାତ୍ରା

**ପୁରୁଣା ଭୁବନେଶ୍ୱର,୪।୬(ଡି.ଏନ୍.ଏ.)**

ଅକ୍ଷୟ ତୃତୀୟା ଠାରୁ ଆରମ୍ଭ ହୋଇଥିବା ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ୨୨ ଦିନିଆ ଭଉଁରି ଯାତ୍ରା ଶୁକ୍ରବାର ୨୧ଦିନରେ ପହଞ୍ଚିଥିବା ବେଳେ ପରମ୍ପରା ଅନୁଯାୟୀ ଭଉଁରିଯାତ୍ରା ସମାପନ ହୋଇଛି। ଏନେଇ ପ୍ରାତଃରୁ ମଙ୍ଗଳ ଆଳତି, ଅବକାଶ ହୋଇ ରୋଷହୋମ କରାଯାଇଥିଲା। ପରେ ଛାମୁ ପରିଷ୍କାର କରାଯାଇ ମାଘସ୍ନାନ ବେଶ କରାଯାଇଥିଲା। ସକାଳଧୂପ ଭୋଗ ମଣ୍ଡପ ସରିବା ପରେ ଶ୍ରୀଜୀଉଙ୍କ ଚନ୍ଦନ ବେଢା କରାଯାଇ ଚନ୍ଦନ ଲାଗି କରାଯାଇଥିଲା। ପୁନଃ ବେଶ କରାଯାଇ ଯାତ୍ରା ପୂଜା, ବଲ୍ଲଭରେ ଦିଅଁ ବିଜେ ହୋଇଥିଲେ। ଏହା ପରେ ମନ୍ଦିର ପହଡ଼ ପଡ଼ିଥିଲା। ଅପରାହ୍ନ ୪ଟା ୩୦ରେ ଚାପକୁ ଦିଅଁ ବିମାନ ଓ ପାଲିଙ୍କିରେ ବିଜେ କରିଥିଲେ। ପବିତ୍ର ବିନ୍ଦୁ ସାଗର ପୋଖରୀକୂଳ ମଠରେ ଚାପରଢ଼ା ଶ୍ରୀଜୀଉଙ୍କୁ ପୂଜା କରାଯାଇଥିଲା। ପରେ ଠାକୁର ଚାପ ଡଙ୍ଗାରେ ଭଉଁରୀ ଖେଳି ଜଗତିକୁ ଗଲାବେଳେ ବାଟରେ ଦ୍ୱାରବାସିନୀଙ୍କ ନିକଟରେ ଥିବା ମଧୁବାବୁ ଘାଟଠାରେ ପୂଜା କରାଯାଇଥିଲା। ପରେ ଜଗତିକୁ ଯାଇଥିଲେ। ସେଠାରେ ଦ୍ୱିପ୍ରହର ଧୂପ ସରିବା ପରେ ଶ୍ରୀଜୀଉମାନେ ଚନ୍ଦନ କୁଣ୍ଡରେ ସ୍ନାନ କରି, ପାଟ ବସ୍ତ୍ର ପରିଧାନ କରାଇ ବେଶ କରାଇଥିଲେ ସେବାୟତ। ସନ୍ଧ୍ୟାଧୂପରେ ଶ୍ରୀଜୀଉଙ୍କୁ ମାଣ୍ଡୁଅ, କାକରା, ସୋଧୁଅ ପିଠା ଲାଗି କରାଯାଇଥିଲା। ଶ୍ରୀଜୀଉମାନେ ପୁନଃ ଚାପ ଡଙ୍ଗାରେ ବସି ଭଉଁରି ଖେଳି ବିଶ୍ରାମ ଘାଟକୁ ଆସିଥିଲେ। ସେଠାରେ ଠାକୁରଙ୍କୁ ମୁଆଁ ଭୋଗ ଲାଗି କରାଯାଇଥିଲା। ବିମାନ ଓ ପାଲିଙ୍କିରେ ଉପବିଷ୍ଟ କରି ମନ୍ଦିରକୁ ଫେରିବା ବାଟରେ ବ୍ରାହ୍ମଣ, ପୂଜାପଣ୍ଡା, ବଡୁ ନିଯୋଗ ପକ୍ଷରୁ ଠାକୁରଙ୍କୁ ଭୋଗ ଲାଗି କରାଯିବା ପରେ ମନ୍ଦିରକୁ ଫେରିଥିଲେ। ପରେ ମନ୍ଦିରରେ ଅନ୍ୟାନ୍ୟ ନୀତି କରାଯାଇ ପହଡ଼ ପଡ଼ିଥିଲା।



ବିଶ୍ୱ ପରିବେଶ ଦିବସ ଅବସରରେ ଶୁକ୍ରବାର ପରିବେଶବିତ୍ ସୁଶାନ୍ତ ସାହୁ ସିଡ୍‌ସ ବଲ (ବିହନ ପେଣ୍ଡୁ)ରେ ସବୁଜ ଯୋଦ୍ଧାମାନଙ୍କୁ ସମ୍ମାନ ଜଣାଇଛନ୍ତି।

## ୟାସ୍ କ୍ଷୟକ୍ଷତି ଆକଳନ ୧୬ କୋଟି ୯୭ ଲକ୍ଷ

### ଯାଞ୍ଚ ପାଇଁ ଉଚ୍ଚସ୍ତରୀୟ କମିଟି ଗଠନ

**କଟକ ସଦର,୪।୬(ଡି.ଏନ.ଏ.)**

ବାତ୍ୟା 'ୟାସ୍' ପ୍ରଭାବରେ କଟକ ସଦର ବ୍ଲକ ସମେତ ଜିଲାର ଅନ୍ୟ ବ୍ଲକରେ ୧୬ କୋଟି ୯୭ ଲକ୍ଷ ଟଙ୍କାର କ୍ଷୟକ୍ଷତି ହୋଇଥିବା ରିପୋର୍ଟ କଟକ ଜିଲାପାଳଙ୍କୁ ଦିଆଯାଇଥିଲା। ମାତ୍ର ପ୍ରାଥମିକ ଆକଳନ ପ୍ରସ୍ତୁତିରେ ଅନିୟମିତତା ହୋଇଥିବା ଭାଜପା ଜିଲାସ୍ତରୀୟ କର୍ମକର୍ତ୍ତାମାନେ ଅଭିଯୋଗ କରିଥିଲେ। ଅଭିଯୋଗର ଗୁରୁତ୍ୱକୁ ଦୃଷ୍ଟିରେ ରଖି କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରି ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କଟକ ସଦର ବ୍ଲକରେ ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର, ନିଶ୍ଚିନ୍ତକୋଇଲି ଓ ମାହାଙ୍ଗାରେ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ବର କର, ସାଲେପୁର ବ୍ଲକରେ କଟକ ସଦର ଉପଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ସିଏମ୍‌ସିରେ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ ତଦନ୍ତ କରିବେ। ଏ ସଂକ୍ରାନ୍ତୀୟ ନିର୍ଦ୍ଦେଶନାମା ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ପତ୍ରସଂଖ୍ୟା ୧୩୫୨/୨।୬।୨୧ରେ ପ୍ରକାଶ ପାଇଛି। ୨୩୫ ସ୍କୁଲଗୃହ ମରାମତି ପାଇଁ ୫ କୋଟି ୮୫ ଲକ୍ଷ ୫୦ ହଜାର, ୧୭ଟି ପଞ୍ଚାୟତଗୃହକୁ ୬୬ ଲକ୍ଷ, ୯୧ ଅଙ୍ଗନୱାଡି କେନ୍ଦ୍ରରେ ୧ କୋଟି ୬୩ ଲକ୍ଷ ୫୦ ହଜାର, ପୋଲ ଓ ଶଙ୍ଖ ମରାମତିରେ ୭ ଲକ୍ଷ, ୪୬୪ ରାସ୍ତା ମରାମତି ପାଇଁ ୮ କୋଟି ୭୫ ଲକ୍ଷ କ୍ଷତିର ଆକଳନ ଦିଆଯାଇଥିଲା। ବାତ୍ୟାର ପ୍ରକୋପକୁ ବିଚାର କଲେ ଏହି ରିପୋର୍ଟ ମିଥ୍ୟା ବୋଲି ଭାଜପା ଅଭିଯୋଗ କରିଥିଲା।

# ବେକରେ ଛୁରି ଭୁସିଲେ କରୋନା ଆକ୍ରାନ୍ତ

**କଟକ ଅଫିସ,୪।୬**

### ଏସ୍‌ସିବିରେ ହେଲା ଅସ୍ତ୍ରୋପଚାର



କଟକ ଜିଲା ଟାଙ୍ଗୀଠାରେ ଥିବା ଏକ କୋଭିଡ୍ କେୟାର ସେଣ୍ଟର(ସିସିସି)ରେ ଜଣେ କରୋନା ଆକ୍ରାନ୍ତ ବେକରେ ଛୁରି ଭୁସି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅସ୍ତ୍ରୋପଚାର ପରେ ତାଙ୍କ ବେକରୁ ଛୁରି କଢାଯାଇଛି। ଏଥିସହ ତାଙ୍କୁ କୋଭିଡ୍ ୱାର୍ଡରେ ରଖି ଚିକିତ୍ସା କରାଯାଉଛି।

ମିଳିଥିବା ସୂଚନା ଅନୁଯାୟୀ, ଚୌଦ୍ୱାର ଥାନା ଅଧୀନ ଦେବୀନଗର ଗ୍ରାମର ସୁକୁମାର ସୁବୁଦ୍ଧିରାୟଙ୍କ ମୋବାଇଲ ଦୋକାନ ରହିଛି। ଲକ୍‌ଡାଉନ୍ ଯୋଗୁ ଦୋକାନ ବନ୍ଦ ରହୁଥିବାରୁ ମାନସିକ ଚାପରେ ରହୁଥିଲେ। ଇତିମଧ୍ୟରେ ସେ କରୋନାରେ ଆକ୍ରାନ୍ତ ହୋଇ ହୋମ୍ ଆଇସୋଲେଶନରେ ଥିଲେ। ୨ ଦିନ ତଳେ ଟାଙ୍ଗୀଠାରେ ଥିବା ସିସିସିରେ ଭର୍ତ୍ତି ହୋଇଥିଲେ। ତେବେ ସିସିସିକୁ ଯିବା ସମୟରେ ଫଳ କାଟିବା ପାଇଁ ସାଙ୍ଗରେ ଏକ ଛୁରି ନେଇଥିଲେ। ଶୁକ୍ରବାର ସେହି ଛୁରିକୁ ନିଜ ବେକରେ ଭୁଶି ଦେଇଥିଲେ। ଅଧିକ ରକ୍ତସ୍ରାବ ହେବାରୁ ତାଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଏ ସମ୍ପର୍କରେ ଏସ୍‌ସିବି ମେଡିକାଲ ଜରୁରିକାଳୀନ ଅଧିକାରୀ ଭୁବନାନନ୍ଦ ମହାରଣା କହିଛନ୍ତି, ଅସ୍ତ୍ରୋପଚାର ପରେ କରୋନା ଆକ୍ରାନ୍ତଙ୍କ ବେକରୁ ଛୁରି କଢାଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ସୁକୁମାର ମାନସିକ ଭାରସାମ୍ୟ ହରାଇ ଏପରି କରିଥାଇପାରନ୍ତି ବୋଲି ତାଙ୍କ ପରିବାର ସଦସ୍ୟ କହିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ପ୍ରବୀର


@ ପ୍ରବୀଣା


@ ଅଭିଜିତ୍


@ ରିଙ୍କି


@ ଶିବପ୍ରସାଦ


@ ସୁନୀତା

# ଦମ୍ପତିଙ୍କଠାରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟ୍

**ଖୋର୍ଦ୍ଧା ଅଫିସ,୪।୬**

କରୋନା ସଂକ୍ରମଣ ରୋକିବା ପାଇଁ ରାଜ୍ୟରେ ଲକ୍‌ଡାଉନ ଜାରି ରହିଛି। ଏହି ସମୟରେ ଖୋର୍ଦ୍ଧା ଜିଲାରେ ଲୁଟେରାମାନେ ସକ୍ରିୟ ହୋଇଉଠିଛନ୍ତି। ଶୁକ୍ରବାର ଅପରାହ୍ନରେ ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥ ବାଘମାରୀ-ସାରୁଅ ରାସ୍ତା ମଝିରୁ ଦମ୍ପତିଙ୍କଠାରୁ ଦୁଇଜଣ ଦୁର୍ବୃତ୍ତ ଲକ୍ଷାଧିକ ଟଙ୍କାର ସୁନା ଗହଣା ଲୁଟି ନେଇଛନ୍ତି। ବାଘମାରୀ ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ସୂଚନା ମୁତାବକ, ଭୁବନେଶ୍ୱର ସତ୍ୟବିହାରର ସୁରଜ ପଟ୍ଟନାୟକ ସ୍ତ୍ରୀ ନିବେଦିତାଙ୍କ ସହ ବାଇକ(ଓଡି୨୫ଜି୩୬୩୫)ରେ ନୟାଗଡ଼ ବାହାଡାଝୋଲାକୁ ଯାଉଥିଲେ। ଦୁଇଜଣ ଦୁର୍ବୃତ୍ତ ଧଳା ରଙ୍ଗର ବାଇକରେ ତାଙ୍କୁ ପିଛା କରି ଅପରାହ୍ନ ପ୍ରାୟ ସାଢ଼େ ୫ଟା ରେ ସାରୁଅ ବାଘମାରି ରାସ୍ତା ଥିବା ପୋଖରୀ ନିକଟରୁ ସୁନା ଅଳଙ୍କାର ଥିବା ବ୍ୟାଗକୁ ଝାମ୍ପିନେଇ ଫେରାର ହୋଇଯାଇଥିଲେ। ଏନେଇ ସୁରଜ ବାଘମାରି ଥାନାରେ ଅଭିଯୋଗ କରିଥିଲେ।

## ୱାନ୍ ୱେ ପାଇଁ ଭିଡ଼


ଲକ୍‌ଡାଉନ୍ ଯୋଗୁ କଟକ ରାଜାବଗିଚା ଡିଭାଇଡ଼ ରାସ୍ତାକୁ ୱାନ୍ ୱେ କରାଯିବା ଫଳରେ ଉପୁଜିଥିବା ଟ୍ରାଫିକ ସମସ୍ୟା।

# କାର୍ଯ୍ୟାନୁଷ୍ଠାନ ପାଇଁ ଲାଞ୍ଚ ମାଗୁଛି ପୋଲିସ

**ନିଶ୍ଚିନ୍ତକୋଇଲି,୪।୬ (ସ୍ୱ.ପ୍ର.)**

୫୦୦୦ ଟଙ୍କା ଲାଞ୍ଚ ନ ଦେଲେ କାର୍ଯ୍ୟାନୁଷ୍ଠାନ ହେବ ନାହିଁ ବୋଲି ପୋଲିସ କହୁଛି। ନିଶ୍ଚିନ୍ତକୋଇଲି ଥାନାର ଜଣେ ଏଏସ୍‌ଆଇ ବିରୋଧରେ ବୋଧଙ୍ଗ ଗ୍ରାମର ମଞ୍ଜୁଲତା ରାଉତ ନାମକ ଅଭିଯୋଗକାରିଣୀ ଥାନାରେ ଏଭଳି ଅଭିଯୋଗ କରିଛନ୍ତି। ତାଙ୍କୁ ସମ୍ପୃକ୍ତ ପୋଲିସ ଅଧିକାରୀ ବାରମ୍ବାର ଥାନାକୁ ଡାକି ଗାଳିଗୁଲଜ କରୁଛନ୍ତି ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି । ମଞ୍ଜୁଲତାଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ପରିବାର ଉପରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏନେଇ ସେ ମେ'୨୫ରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାର ତଦନ୍ତ ଭାର ଏଏସ୍‌ଆଇ ସର୍ବେଶ୍ୱର ଜେନାଙ୍କୁ ଦିଆଯାଇଥିଲା। ଜେନା ତାଙ୍କୁ ନ୍ୟାୟ ଦେବା ପରିବର୍ତ୍ତେ ମେ'୩୦ରେ ଥାନାକୁ ଡାକି ଧମକ ଦେବା ସହ ଅଭିଯୋଗ ଉଠାଇ ନେବାକୁ କହିଥିଲେ। ଘଟଣାର ସତ୍ୟାସତ୍ୟ ପାଇଁ ଭିଡିଓ ରେକର୍ଡିଂ ଅଛି ବୋଲି ମଞ୍ଜୁଲତା କହିଥିଲେ। ଏହି ଭିଡିଓ କିଛି କାମ ଦେବନି, ୫ ହଜାର ଟଙ୍କା ଦେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜେନା କହିଥିଲେ ବୋଲି ମଞ୍ଜୁଲତା ଅଭିଯୋଗରେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ଏଏସ୍‌ଆଇ ଜେନା କହିଛନ୍ତି, ଏହା ଏକ ଜମିଜମା ସମ୍ପର୍କିତ ମାମଲା। ଉଭୟ ପକ୍ଷର ଅଭିଯୋଗକୁ ବିଚାରକୁ ନିଆଯାଇ ମାମଲା କରାଯାଇଛି। ଲାଞ୍ଚ ମାଗିବା ଓ ଧମକ ଦେବା ଘଟଣାକୁ ସେ ଅସ୍ୱୀକାର କରିଛନ୍ତି। ସାଲେପୁର ଏସ୍‌ଡିପିଓ ପ୍ରଶାନ୍ତ ମାଝି କହିଛନ୍ତି, ଥାନା ପରିଦର୍ଶନରେ ଯାଇ ଘଟଣା ସମ୍ପର୍କରେ ବୁଝିବି। ତଦନ୍ତ ପରେ ସତ୍ୟାସତ୍ୟ ଜଣାପଡ଼ିବ।

# ୮ ପଞ୍ଚାୟତ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ୍

**ଆଠଗଡ଼, ୪।୬(ସ୍ୱ.ପ୍ର.)**

ଆଠଗଡ଼ ଉପଖଣ୍ଡରେ କରୋନା ସଂକ୍ରମଣ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏନେଇ ଆଠଗଡ଼ ଉପଜିଲାପାଳ ଅଜାମ୍ବର ମହାନ୍ତି ୮ ପଞ୍ଚାୟତକୁ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରିଛନ୍ତି। ସେଗୁଡିକ ହେଲା ଖୁଣ୍ଟୁଣୀ, ଭୋଗରା, କଣ୍ଡରେଇ, କୁଲାଇଲୋ, ରାଧା ଗୋବିନ୍ଦ ପୁର, ଖମାର ନୂଆ ଗାଁ, ଗୋବରା ଏବଂ ସଠିଲୋ। ଶୁକ୍ରବାର ସନ୍ଧ୍ୟା ୬ଟା ଠାରୁ ୯ ତାରିଖ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

**ଡିଲର ପଏଣ୍ଟରୁ ୩୦ହଜାର ଟଙ୍କା ଚୋରି**

ଗୋପ,(ଡି.ଏନ୍.ଏ.): ଗୋପ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଥିବା ଏକ ଡିଲର ପଏଣ୍ଟରୁ ଶୁକ୍ରବାର ସନ୍ଧ୍ୟାରେ ୩୦ହଜାର ଟଙ୍କା ଚୋରି ହୋଇଯାଇଛି। ସୂଚନାଯୋଗ୍ୟ, ଡିଲର କେନ୍ଦ୍ରର ମାଲିକ ବିନୟ ସେନାପତି ସବୁଦିନ ଭଳି କେନ୍ଦ୍ର ଖୋଲି ହିତାଧିକାରୀମାନଙ୍କୁ ଚାଉଳ, ଗହମ ବଣ୍ଟନ କରୁଥିଲେ। ତାଙ୍କ ପକେଟରେ ଥିବା ୩୦ ହଜାର ଟଙ୍କା ଡ୍ରୟାର ମଧ୍ୟରେ ରଖିଥିଲେ। ଏହି ସମୟରେ କୌଣସି କାର୍ଯ୍ୟରେ ବିନୟ ବାହାରକୁ ଆସିଥିଲେ। ହେଲେ କିଛି ସମୟ ମଧ୍ୟରେ ଦୋକାନକୁ ଫେରି ଡ୍ରୟାର ଦେଖିବାବେଳେ ଟଙ୍କା ନ ଥିଲା। ଟଙ୍କା ଚୋରି ନେଇ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରିବା ପରେ ମଧ୍ୟ କେହି ଜାଣି ନ ଥିବା କହିଥିଲେ। ରିପୋର୍ଟ ଲେଖା ହେବା ମଧ୍ୟରେ ଏ ସମ୍ପର୍କରେ ଗୋପ ଥାନାରେ କୌଣସି ଅଭିଯୋଗ ହୋଇ ନାହିଁ।

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୦୪।୦୬।୨୦୨୧
୨୦୫୭ ଟଙ୍କା

**ସଂକ୍ଷେପରେ**

## ବେଆଇନ ବନ୍ଧୁକ ରଖି ଜଣେ ଗିରଫ

ପୁରୀ ଅଫିସ,୪।୬: ବିନା ଲାଇସେନ୍ସରେ ଦେଶୀ ବନ୍ଧୁକ ରଖିବା ଅଭିଯୋଗରେ ତାଳବଣିଆ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ବିନୋବାନଗରର ସତ୍ୟରଞ୍ଜନ ବାରିକ ଓରଫ ଲିପୁ (୨୯)। ପୋଲିସ ତାଙ୍କ ନିକଟରୁ ଏକ ବନ୍ଧୁକ ସହ କିଛି ବିସ୍ଫୋରକ ଜବତ କରିଛି। ଏ ନେଇ ଏକ ମାମଲା (ନଂ, ୭୨/୨୧) ରୁଜୁ ହୋଇଛି। ତାଳବଣିଆ ଥାନା ଅଧିକାରୀ ସୁଜିତ କୁମାର ଦାଶଙ୍କ ସୂଚନା ଅନୁଯାୟୀ, ଗୁରୁବାର ରାତି ପ୍ରାୟ ୧୧.୩୦ରେ ବିନୋବାନଗର ଅଞ୍ଚଳରେ ଜଣେ ଯୁବକ ଏକ ବନ୍ଧୁକ ଧରି ବୁଲିବା ସହ ଲୋକଙ୍କୁ ଭୟଭୀତ କରୁଥିଲେ। ଖବର ପାଇ ଏସ୍‌ଆଇ ପ୍ରଭୁଦତ୍ତ ବିଶ୍ୱାଳଙ୍କ ନେତୃତ୍ୱରେ ଏକ ଟିମ୍ ସେଠାରେ ଚଢ଼ାଉ କରିଥିଲେ। ପୋଲିସକୁ ଦେଖି ଲିପୁ ଖସିଯିବାକୁ ଚେଷ୍ଟା କରିଥିଲେ। ମାତ୍ର ପୋଲିସ ତାଙ୍କୁ କାବୁ କରି ଥାନାକୁ ଆଣିଥିଲା। ତଦନ୍ତ ବେଳେ ତାଙ୍କ ବନ୍ଧୁକର ଲାଇସେନ୍ସ ନ ଥିବା ଜଣାପଡ଼ିଥିଲା।

## ଦୈନିକ ୧ କୋଟି ଟିକା ଦିଆଯାଉ: କଂଗ୍ରେସ

ପୁରୀ ଅଫିସ, ୪।୬: ପ୍ରତ୍ୟେକ ଭାରତୀୟ ନାଗରିକଙ୍କୁ ସାର୍ବଜନୀନ ଦେୟମୁକ୍ତ ଟିକାକରଣ ବ୍ୟବସ୍ଥା ସହ ପ୍ରତିଦିନ ୧ କୋଟି ଟିକାକରଣ ପାଇଁ ସୁନିଶ୍ଚିତତା କରିବା ଦାବିରେ ଶୁକ୍ରବାର ପୁରୀ ଜିଲା କଂଗ୍ରେସ କମିଟି ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। କେନ୍ଦ୍ର ସରକାରଙ୍କ ଟିକାକରଣ ନୀତି ସମ୍ପୂର୍ଣ୍ଣ ବିଫଳ ହୋଇଛି ବୋଲି କଂଗ୍ରେସ ଅଭିଯୋଗ କରିଛି। ବର୍ତ୍ତମାନ ସୁଦ୍ଧା ଦେଶର ଜନସଂଖ୍ୟାର ମାତ୍ର ୩.୧୭% ଲୋକଙ୍କ ଟିକାକରଣ ହୋଇପାରିଛି। ଏଭଳି ସ୍ଥିତିରେ ୧୪୦ କୋଟି ଲୋକଙ୍କୁ ଟିକା ଦେବାପାଇଁ ୩ ବର୍ଷ ଲାଗିଯିବ। ଯାହାଫଳରେ ଅନେକ ଲୋକ ମୃତ୍ୟୁବରଣ କରିବା ସହ ସଂକ୍ରମଣ ବୃଦ୍ଧି ପାଇବ। ତେଣୁ କେନ୍ଦ୍ର ସରକାର ତୁରନ୍ତ ଟିକା କିଣି ଦେୟମୁକ୍ତରେ ରାଜ୍ୟ ଏବଂ ବେସରକାରୀ ମେଡିକାଲକୁ ପ୍ରଦାନ କରନ୍ତୁ ବୋଲି କଂଗ୍ରେସ କର୍ମକର୍ତ୍ତା ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ନଗର କଂଗ୍ରେସ ସଭାପତି ଛବିନ୍ଦ୍ର ପଢ଼ିଆରୀ, ପିସିସି ସମ୍ପାଦକ ଲଲାଟେନ୍ଦୁ ଦାଶ, ପିସିସି ମୁଖପାତ୍ର ବିନାୟକ ଦାସ ମହାପାତ୍ର, ଡିସିସି ସମ୍ପାଦକ ନିରଞ୍ଜନ ରଥ, ଛାତ୍ର କଂଗ୍ରେସ ନେତା ସୁକାନ୍ତ ପ୍ରଧାନ, ଯୁବ କଂଗ୍ରେସ ନେତା ଆଲୋକ କୁମାର ଦାଶ ଏବଂ ପୁରୀ ଜିଲା ସେବା ଦଳ ସଭାପତି ବିଶ୍ୱକେଶନ ହରିଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ।

## ‘ପ୍ରାଚୀ’ ପୁନରୁଦ୍ଧାର ପାଇଁ ସର୍ଭେ ଆରମ୍ଭ

କାକଟପୁର, ୪।୬(ଡି.ଏନ୍.ଏ): ପୁଣ୍ୟତୋୟା ପ୍ରାଚୀ ନଦୀ ଧୀରେ ଧୀରେ ପୋତି ହୋଇପଡୁଛି। ସେହିପରି ନଦୀ ଶଯ୍ୟାକୁ ବେଆଇନ ଭାବେ ଜବରଦଖଲ କରାଯାଇଛି। ଫଳରେ ଏହି ନଦୀ ଲୁପ୍ତ ହେବାକୁ ବସିଛି। ଏ ନେଇ ମେ ୨୯ରେ ‘ଧରିତ୍ରୀ’ରେ ଖବର ପ୍ରକାଶ ପରେ ରାଜ୍ୟ ଜଳ ନିଷ୍କାସନ ବିଭାଗ ପକ୍ଷରୁ ପ୍ରାଚୀ ନଦୀ ପୁନରୁଦ୍ଧାର ପାଇଁ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଛି। ଉକ୍ତ କାର୍ଯ୍ୟର ତଦାରଖ ପାଇଁ ଗୁରୁବାର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ସନ୍ତୋଷ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ୍ ପ୍ରାଚୀ ନଦୀର ବିଭିନ୍ନ ସ୍ଥାନ ବୁଲି ସ୍ଥିତି ଅନୁଧ୍ୟାନ କରିଛନ୍ତି। ନଦୀ ପୁନରୁଦ୍ଧାର ପାଇଁ କ’ଣ ସବୁ ପଦକ୍ଷେପ ନିଆଯାଇପାରିବ ସେନେଇ ଉପସ୍ଥିତ ଯନ୍ତ୍ରୀ ଏବଂ ଅଞ୍ଚଳବାସୀଙ୍କ ସହିତ ବିସ୍ତୃତ ଭାବେ ଆଲୋଚନା କରିଛନ୍ତି। ସର୍ଭେ କାର୍ଯ୍ୟରେ ସମ୍ପୃକ୍ତ ଥିବା ଟିମ୍‌କୁ ବିଭିନ୍ନ ଦିଗ ପ୍ରତି ଦୃଷ୍ଟି ଦେଇ ରିପୋର୍ଟ ପ୍ରସ୍ତୁତ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଏହି ଟିମ୍ ନଦୀ ଉତ୍ପତ୍ତି ସ୍ଥଳରୁ ମିଶିଥିବା କେଉଟଜଙ୍ଗାସ୍ଥ କେଳୁଣୀ ମୁହାଣମୁହଁ ପର୍ଯ୍ୟନ୍ତ ଯାଇ ସମସ୍ତ ଦିଗକୁ ତନ୍ନ ତନ୍ନ କରି ଅନୁଧ୍ୟାନ କରିଥିଲେ। ଉକ୍ତ ପ୍ରକଳ୍ପ ରିପୋର୍ଟ ୧ ମାସ ମଧ୍ୟରେ ପ୍ରସ୍ତୁତ କରାଯିବ ବୋଲି ଅତିରିକ୍ତ ମୁଖ୍ୟଯନ୍ତ୍ରୀ ସ୍ୱାଇଁ କହିଛନ୍ତି। ଏହି ଟିମ୍‌ରେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଭଗବାନ ଦାସ, ସହକାରୀ ନିର୍ବାହୀ ଯନ୍ତ୍ରୀ ମୁରଲୀଧର ବେହେରା, ସହକାରୀ ଯନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, କନିଷ୍ଠ ଯନ୍ତ୍ରୀ ଜିତେନ୍ଦ୍ର ସାହୁ ପ୍ରମୁଖ ସାମିଲ ଥିଲେ।

# ସମସ୍ୟା ଘେରରେ ଅସ୍ତରଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ର

ଅସ୍ତରଙ୍ଗ,୪।୬(ଡି.ଏନ୍.ଏ.)



ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମସ୍ୟା ଘେରରେ କାର୍ଯ୍ୟ କରୁଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘବର୍ଷ ଧରି ନାନା ସମସ୍ୟା ଲାଗି ରହିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ସମାଧାନ ବ୍ୟବସ୍ଥା କରାଯାଉ ନ ଥିବା ଅଭିଯୋଗ ହେଉଛି। ଫଳରେ ରୋଗୀମାନେ ଏଠାରେ ଚିକିତ୍ସା କରିବାକୁ ଇଚ୍ଛାପ୍ରକାଶ କରୁ ନ ଥିବାବେଳେ ଅଧିକାଂଶ ରୋଗୀ ବାଧ୍ୟ ହୋଇ ଖର୍ଚ୍ଚାନ୍ତ ହୋଇ ବାହାରକୁ ଯାଇ ଚିକିତ୍ସା କରାଉଛନ୍ତି। ଏପରି କି ଅନେକ ସମୟରେ ଏଠାରୁ ରୋଗୀ ସ୍ଥାନାନ୍ତର ହେଉଥିବା ବେଳେ ବାଟରେ ମୃତ୍ୟୁବରଣ କରୁଛନ୍ତି, ପୁଣି କେତେବେଳେ ଗୁରୁତର ରୋଗୀ ବା ପ୍ରସୂତି କୌଣସି ମେଡିକାଲ ପହଞ୍ଚିବା ବେଳକୁ ସ୍ଥିତି ସଙ୍ଗିନ ହେଉଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ୩ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ନିର୍ଭର କରୁଥିବାବେଳେ ଏଠାରେ ଆବଶ୍ୟକ ଡାକ୍ତର ବା ନର୍ସ ନାହାନ୍ତି। ମହିଳା ଓ ପ୍ରସୂତି, ଶିଶୁ ଓ ଭେଷଜ ବିଶେଷଜ୍ଞ ପଦବୀ ପୂରଣ ହେଉନି। ୩ଜଣ ନିୟମିତ ଡାକ୍ତର, ୩ ଆୟୁଷ ଡାକ୍ତର ପାଳିରେ କାମ ଚଳାଉଛନ୍ତି। ସେହିପରି ୬ଜଣ ନର୍ସ ଆବଶ୍ୟକ ଥିବାବେଳେ ୩ ଜଣରେ କାମ ଚଳୁଛି। ସ୍ୱାସ୍ଥ୍ୟକେନ୍ଦ୍ର ଭିତ୍ତିଭୂମିର ବିକାଶ ନାହିଁ, ଡାକ୍ତରଙ୍କ ନିମନ୍ତେ ଉନ୍ନତ କ୍ୱାର୍ଟର ନାହିଁ, ଉନ୍ନତ ସେବା, ବେଡ୍ ସଂଖ୍ୟା ବୃଦ୍ଧି, ଓଟି ରୁମ୍, ପିଇବା ପାଣି

**■ଖାଲି ପଡ଼ିଛି ଅନେକ ପଦବୀ**
**■ହେଉନି ରୋଗୀ କଲ୍ୟାଣ ସମିତି ବୈଠକ**

ବ୍ୟବସ୍ଥା ଅଚଳ ହୋଇପଡ଼ିଥିବା ବେଳେ ସ୍ୱାସ୍ଥ୍ୟକେନ୍ଦ୍ରରେ ସବୁଠି ଅବ୍ୟବସ୍ଥାରେ ଚାଲିଛି। ଏ ନେଇ କାର୍ଯ୍ୟରତ ଡାକ୍ତର, ରୋଗୀ ଓ ସ୍ଥାନୀୟ ଲୋକେ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନ ଥିବା କହିଛନ୍ତି। ସେହିଭଳି ରୋଗୀ କଲ୍ୟାଣ ସମିତି ବୈଠକ ବର୍ଷକୁ ୨ଥର ହେବାକୁ ଥିବାବେଳେ ତାହା ମଧ୍ୟ ଠିକ୍ ଭାବେ ହେଉନାହିଁ। ଏଥିରେ ଥିବା ସଭ୍ୟମାନେ ମେଡିକାଲ ପ୍ରତି ଗୁରୁତ୍ୱ ଦେଉ ନ ଥିବାବେଳେ ରୋଗୀ କଲ୍ୟାଣ ସମିତିକୁ ମିଳୁଥିବା ଅନୁଦାନ ରାଶି ମଧ୍ୟ ଠିକ୍ ମାର୍ଗରେ ବିନିଯୋଗ ହେଉ ନ ଥିବା ଅଭିଯୋଗ ହେଉଛି। ମେଡିକାଲ ପରିସରରେ ୨୪ ଘଣ୍ଟିଆ ଔଷଧ ଦୋକାନ ଖୋଲିବାକୁ ଦାବି ହେଉଥିଲେ ମଧ୍ୟ ତାହା ଏ ଯାଏ ହୋଇପାରିନି। ରାତିରେ କୌଣସି ରୋଗୀ ପହଞ୍ଚିଲେ ଅତ୍ୟାବଶ୍ୟକ ଔଷଧ ପାଇଁ ବଜାରରେ ଥିବା ଔଷଧ ଦୋକାନୀଙ୍କୁ ଘରୁ ଡାକିବାକୁ ପଡୁଛି କିମ୍ବା କାକଟପୁର ଯିବାକୁ ପଡୁଛି। ତେଣୁ ଏହି ସବୁ ସମସ୍ୟା ପ୍ରତି ପ୍ରଶାସନ ପକ୍ଷରୁ ଦୃଷ୍ଟି ଦିଆଯାଇ ତୁରନ୍ତ ସମାଧାନ କରିବା ପାଇଁ ଅଞ୍ଚଳବାସୀ ଓ ବୁଦ୍ଧିଜୀବୀମାନେ ଦୃଢ଼ ଦାବି କରିଛନ୍ତି।




ବିଶ୍ୱ ପରିବେଶ ଦିବସ ଅବସରରେ ଶୁକ୍ରବାର ପୁରୀ ବେଳାଭୂମିରେ ଶିଳ୍ପୀ ମାନସ ସାହୁଙ୍କ ବାଲୁକା କଳା।

## ସିପସରୁବାଲି ଜମିରେ ସ୍ଥିତାବସ୍ଥା ଜାରି ରହିବ

ପୁରୀ ଅଫିସ,୪।୬

ସିପସରୁବାଲି ଜମି ଓ ଜଙ୍ଗଲକୁ ନେଇ ଉପୁଜୁଥିବା ସମସ୍ୟାର ସମାଧାନ ପାଇଁ ପ୍ରଶାସନ ପକ୍ଷରୁ ଆଲୋଚନା ହୋଇଛି। ସିପସରୁବାଲି ଜମି ଓ ଜଙ୍ଗଲରେ ମାଫିଆଙ୍କ ପ୍ରାଦୁର୍ଭାବ ବଢ଼ିଥିବା ଉପକୂଳ ଜମି ଜଙ୍ଗଲ ସୁରକ୍ଷା ସମିତି କ୍ରମାଗତ ଭାବେ ଅଭିଯୋଗ କରିଆସୁଛି। ସିପସରୁବାଲି ଜଙ୍ଗଲ ନିକଟରେ ବାସ କରୁଥିବା ଗରିବ ଲୋକଙ୍କ ଉପରେ ମାଫିଆମାନେ ଅତ୍ୟାଚାର କରିବା ସହ ବଳପୂର୍ବକ କାଠ, ବାଲି ନେଇଯାଉଥିବା ଅଭିଯୋଗ ହେଉଛି। ସୂଚନାଯୋଗ୍ୟ, ୨୮୦୦ ଏକର ପରିମିତ ସିପସରୁବାଲି ୧୯୨୭ ମସିହାରେ ସରକାରୀ ଜମି ଥିଲା। ୧୯୭୭ ମସିହାରେ ୬୬ଜଣ ଜମି ମାଫିଆ ଚକ୍ରାନ୍ତ କରି ଏହି ଜମିକୁ ନିଜ ନାମକୁ ନେଇଥିଲେ। ୨୦୧୧ରେ ଚକବନ୍ଦୀ କୋର୍ଟ ସମ୍ପୃକ୍ତ ଜମି ମାଫିଆମାନଙ୍କୁ ଉଚ୍ଛେଦ କରିଛି। ତଥାପି ସେମାନଙ୍କ ପ୍ରାଦୁର୍ଭାବ କମିନାହିଁ। ଜମିକୁ ସୁରକ୍ଷା ଦେବା ସହ ସ୍ଥାନୀୟ ଲୋକଙ୍କୁ ଭୋଗ ଅଧିକାର ମିଳୁ ବୋଲି ଉପକୂଳ ଜମି ଜଙ୍ଗଲ ସୁରକ୍ଷା ସମିତିର ଉପଦେଷ୍ଟା ଶ୍ରୀକାନ୍ତ ମହାନ୍ତି ଦାବି କରିଛନ୍ତି। ଅନ୍ୟପକ୍ଷରେ ଆଲୋଚନାରେ ଉପସ୍ଥିତ ଥିବା ଜମି ମାଲିକାନା ଦାବିଦାରମାନେ ପୁରୀ ଉପଜିଲାପାଳ ଭବତାରଣ ସାହୁଙ୍କ ନିକଟରେ ନିଜ ସପକ୍ଷରେ ଯୁକ୍ତି ଉପସ୍ଥାପନ କରିଛନ୍ତି। ଏ ନେଇ ଉପଜିଲାପାଳ ସାହୁ କହିଛନ୍ତି, ସିପସରୁବାଲି ଜଙ୍ଗଲ ଓ ବାଲିବନ୍ତରେ ସ୍ଥିତାବସ୍ଥା ଜାରି ରହିବ। ଏବେ ଚକବନ୍ଦୀ କାର୍ଯ୍ୟକ୍ରମ ଚାଲୁ ରହିଛି। ଅନେକ ସରକାରୀ ଜମି ବେସରକାରୀ ମାଲିକାନାକୁ ଯିବା ପରେ ପୁଣି ଥରେ ସରକାରଙ୍କ କର୍ତ୍ତୃତ୍ୱକୁ ଫେରିଛି। ସରକାରୀ ଓ ବେସରକାରୀ ଜମି ଚିହ୍ନଟ ପ୍ରକ୍ରିୟା ନ ସରିବା ପର୍ଯ୍ୟନ୍ତ ଗଛକଟା ହୋଇପାରିବ ନାହିଁ।




ପ୍ରଶାସନକୁ ଅଭିଯୋଗ ଜଣାଇବା ପାଇଁ ଆସିଥିବା ସିପସରୁବାଲି ଅଞ୍ଚଳର ଅଧିବାସୀ।

## ଗଣନା କାର୍ଯ୍ୟ ସ୍ଥଗିତ ପାଇଁ ସ୍ମାରକପତ୍ର

ସାକ୍ଷୀଗୋପାଳ,୪।୬(ସ୍ୱ.ପ୍ର.): ସତ୍ୟବାଦୀ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ୧ ଜୁନ୍ ୨୦୨୧ରୁ ୧୫ ଜୁନ୍ ମଧ୍ୟରେ ଅଧାପାଠ ଛାଡ଼ିଥିବା ଛାତ୍ରୀଛାତ୍ର (୬ବର୍ଷରୁ ୧୮ବର୍ଷ)ଙ୍କ ଗଣନା କାର୍ଯ୍ୟ ନ କରିବା ପାଇଁ ସ୍ଥିର କରାଯାଇଛି। ଶିକ୍ଷକମାନେ ଘର ଘର ବୁଲି ଗଣନା କାର୍ଯ୍ୟ ସମ୍ପାଦନ କଲେ ସଂକ୍ରମଣର ଭୟ ରହିଛି। ସାକ୍ଷୀଗୋପାଳ ଅଞ୍ଚଳର କେତେକ ଶିକ୍ଷକ କୋଭିଡରେ ପ୍ରାଣ ହରାଇଲେଣି। ସତ୍ୟବାଦୀ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ସଭାପତି ପ୍ରହଲ୍ଲାଦ ଦାଶ, ସମ୍ପାଦକ ବିଜୟ କିଶୋର ନନ୍ଦ ପ୍ରମୁଖ ଜିଲାପାଳଙ୍କୁ ଏହି ଗଣନା କାର୍ଯ୍ୟ ସ୍ଥଗିତ ରଖିବା ପାଇଁ ଅନୁରୋଧ କରି ଏକ ସ୍ମାରକପତ୍ର ପଠାଇଛନ୍ତି।

## ତହସିଲଦାରଙ୍କ ଦସ୍ତଖତ ଜାଲିଆତି

### ଥାନାରେ ଅଭିଯୋଗ

କାକଟପୁର, ୪।୬(ଡି.ଏନ୍.ଏ.)

କାକଟପୁର ତହସିଲଦାରଙ୍କ ଦସ୍ତଖତ ଜାଲିଆତି ହୋଇଛି। ଏ ନେଇ ତହସିଲଦାର ବିରଞ୍ଚି ନାରାୟଣ ବେହେରା କାକଟପୁର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ନିରାକାର କାଣ୍ଡି, ଶୁଭ୍ରଜିତ କାଣ୍ଡି ଓ ସର୍ବେଶ୍ୱର କାଣ୍ଡି, ପି-ନକୁଳ କାଣ୍ଡି, ମୀନା କାଣ୍ଡି ସ୍ୱାମୀ-କୈଳାସ କାଣ୍ଡି, ବୃନ୍ଦାବନ କାଣ୍ଡି ପିତା-ଭୀମସେନ କାଣ୍ଡି କାକଟପୁର ତହସିଲଦାରଙ୍କ ଦସ୍ତଖତ ଜାଲିଆତି କରି ଉତ୍ତରାଧିକାରୀ ପ୍ରମାଣପତ୍ର ପ୍ରସ୍ତୁତ କରୁଥିଲେ। ଉକ୍ତ ଜାଲ ପ୍ରମାଣପତ୍ର ବଳରେ ସେମାନେ ସରକାରୀ ଯୋଜନାର ଫାଇଦା ଉଠାଇଛନ୍ତି। ତେଣୁ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ ତୁରନ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ତହସିଲଦାର ବେହେରା ଏତଲାରେ ଦାବି କରିଛନ୍ତି।

## ତହସିଲ ଅଫିସ ଆଗରେ ବିକ୍ଷୋଭ

ନିମାପଡ଼ା,୪।୬(ଡି.ଏନ୍.ଏ.)

ଜାତୀୟ ଦଳିତ ଆଦିବାସୀ ମାଇନରିଟି ମହାସଂଘ (ଓଡ଼ିଶା)ର ୩୦ଜଣ କର୍ମକର୍ତ୍ତା ଶୁକ୍ରବାର ବିଭିନ୍ନ ଦାବି ନେଇ ନିମାପଡ଼ା ତହସିଲ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କୁଶଭଦ୍ରା ଓ ଭାର୍ଗବୀ ନଦୀର ବାଲିଘାଟରୁ ବେଆଇନ ବାଲିଚାଲାଣ ବନ୍ଦ କରିବା, ବାଲି ମାଫିଆ ଓ ବାଲି ଚୋରଙ୍କୁ ତୁରନ୍ତ ଗିରଫ କରାଯିବା ଦାବିରେ ଧାରଣା ଦିଆଯାଇଥିଲା। ମହାସଂଘର ରାଜ୍ୟ ସଭାପତି ବିଜୟ ସେଠୀ, ସମ୍ପାଦକ ସ୍ୱର୍ଣ୍ଣଲତା ସେଠୀ, ନାରୀନେତ୍ରୀ ତଥା ନିମାପଡ଼ା ବ୍ଲକ ସଭାପତି ପ୍ରଭାତି ମଲ୍ଲିକ, ମିନତି ବେହେରା, ଗୀତା ମଲ୍ଲିକ, ସରୋଜିନୀ ସେଠୀ, ଶରତ ବେହେରା ପ୍ରମୁଖଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ହୋଇଥିଲା। ପରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାର ରାମଚନ୍ଦ୍ର ଜେନାଙ୍କୁ ଦାବିପତ୍ର ଦିଆଯାଇଥିଲା। ଆସନ୍ତା ୨ଦିନ ମଧ୍ୟରେ ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି ତହସିଲଦାର ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

**ରଥଖଳାରୁ**

## ୨୬ ଚକ ନିର୍ମାଣ ସରିଲା



ଉପକାର ସେବକ ସାଲଗୁଜରେ ସିଂହ ବିରାଳ ରୂପ ଖୋଦେଇ କରୁଛନ୍ତି।

ପୁରୀ ଅଫିସ,୪।୬

ରଥଖଳାରେ ତିନି ରଥର ନିର୍ମାଣ କାର୍ଯ୍ୟ ଜାରି ରହିଛି। ଶୁକ୍ରବାର ୧୯୨ ସେବାୟତ ନିୟୋଜିତ ଥିଲେ। ଶୁକ୍ରବାର ୫ଟି ରଥଚକକୁ ମିଶାଇ ମୋଟ ୨୬ଟି ଚକ ତିଆରି ସରିଛି। ଏଥିସହ ୨୧ଟି ଅଖ ନିର୍ମାଣ ଶେଷ ହୋଇଛି। ପ୍ରତ୍ୟେକ ରଥର ୮ଟି ଖମ୍ବ ମଧ୍ୟରୁ ତିନି ରଥର ୬ଟି ଲେଖାଏଁ ଖମ୍ବର ଚଉପଟ ସହ ଦୁଇ ପାର୍ଶ୍ୱରେ ସାଲକାମ ସରିଛି। ୮ଟି ଲେଖାଏ ସାଲଗୁଜରେ ସିଂହ ବିରାଳ ରୂପ ଖୋଦେଇ କାମ ୧୦ ପ୍ରତିଶତ ସମ୍ପୂର୍ଣ୍ଣ ହୋଇଛି। ତାଳଧ୍ୱଜ ରଥର ୮ ଚକ ତିଆରି ସରିଛି। ୯ମ ଓ ୧୦ମ ଚକର ତୁମ୍ବରେ ଅର ସଂଯୋଗ, ସିଙ୍ଗଡ଼ା ବାଡ଼ିଆ ପରେ ଅର ସାଲକାମ ସରି ତୁମ୍ବର ପନ୍ଦାରୀଗାଡ଼ ଖୋଳା ଚାଲିଛି। ୭ଟି ଅଖ ତିଆରି ଶେଷ ହୋଇଛି। ଦେବଦଳନ ରଥର ୮ ଚକ ନିର୍ମାଣ କରାଯାଇଛି। ୯ମ ଓ ୧୦ମ ଚକର ତୁମ୍ବରେ ପଇ ସଂଯୋଗ ସହ ୬ଟି ଅଖ ନିର୍ମାଣ ସରିଛି। ନନ୍ଦିଘୋଷ ରଥର ୧୦ ଚକ ତିଆରି ସରିଥିବାବେଳେ ୧୧ ଓ ୧୨ ନମ୍ବର ଚକର ସିଙ୍ଗଡ଼ା ବାଡ଼ିଆ କାର୍ଯ୍ୟ ଚାଲିଛି। ୮ ଅଖ ସହ ପ୍ରଥମ ଭୂଇଁ ପାଇଁ ୮ ଖମ୍ବରେ ଚଉପଟ କାମ ସରିଛି। କମାରଶାଳରେ ତାଳଧ୍ୱଜ ରଥର ଚକ ପନ୍ଦାରୀ ତିଆରି ପରେ ଚାରିନାହାକା ପାଇଁ ଚଣାକ କଣ୍ଟା, ଗୟଳ ବାନ୍ଧେଣି ପାଇଁ ଯୋଖା ନିର୍ମାଣ କରାଯାଉଛି। ଏଥିସହ ନନ୍ଦିଘୋଷ ଓ ଦେବଦଳନ ରଥର ଦୁଆରବନ୍ଧ ପାଇଁ ଅଗ ପାତେଳି କଣ୍ଟା ଓ ଗୟଳ ପାଇଁ କଣ୍ଟା ତିଆରି ଚାଲିଛି।

## ୭ ଦିନ ସାହାଜାନପୁର ଗାଁ ଶଟ୍‌ଡାଉନ

ବ୍ରହ୍ମଗିରି,୪।୬(ଡି.ଏନ୍.ଏ.)

ବ୍ରହ୍ମଗିରି ବ୍ଲକ ଭୁବନପୁର ପଞ୍ଚାୟତର ସାହାଜାନପୁର ଗ୍ରାମରେ କୋଭିଡ୍ ସଂକ୍ରମଣ ବଢୁଛି। ଏହାକୁ ଦୃଷ୍ଟିରେ ରଖି ସରପଞ୍ଚ ରୀତାରାଣୀ ଜେନା ୭ଦିନ ପାଇଁ ଏହି ଗ୍ରାମକୁ ଶଟ୍‌ଡାଉନ ଘୋଷଣା କରିଛନ୍ତି। ଉକ୍ତ ୭ଦିନ ଗ୍ରାମବାସୀ ଗାଁ ବାହାରକୁ ଯିବା ଏବଂ ବାହାର ଲୋକେ ଗ୍ରାମକୁ ପ୍ରବେଶ କରିବା ଉପରେ କଟକଣା ଜାରି ହୋଇଛି। ଏ ନେଇ ସରପଞ୍ଚ ବ୍ଲକ ପ୍ରଶାସନକୁ ଅବଗତ କରାଇଛନ୍ତି।

## କଣାସ: ବିଳମ୍ବରେ ମଣ୍ଡି ଖୋଲିଲା

କଣାସ,୪।୬(ସ୍ୱ.ପ୍ର.)

ପ୍ରାୟ ୧ମାସ ବିଳମ୍ବରେ କଣାସ ବ୍ଲକରେ ଶୁକ୍ରବାର ପ୍ରଥମ ଧାନମଣ୍ଡି ଖୋଲିଛି। ମା’ କୁଶେଶ୍ୱରୀ ସେବା ସମବାୟ ସମିତି ମାଧ୍ୟମରେ ଧାନମଣ୍ଡିକୁ ସମିତି ସଭାପତି ସୁକାନ୍ତ କିଶୋର ସାମନ୍ତରାୟ ଉଦ୍‌ଘାଟନ କରିଥିଲେ। ଭଗବାନ ସୁବୁଦ୍ଧି, ସମବାୟ ସମିତିର ବୋର୍ଡ ସଦସ୍ୟ ଅଭିମନ୍ୟୁ ଜୟସିଂହ, ପ୍ରଭାକର ବଳିୟାରସିଂ, ରବି ବଳବନ୍ତରାୟ, କାବୁଲି ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀଜଗନ୍ନାଥ ରାଇସ୍ ମିଲ୍ ୧୪ଜଣ ଚାଷୀଙ୍କଠାରୁ ୬୪୦ କୁଇଣ୍ଟାଲ ଧାନ କୁଇଣ୍ଟାଲ ପିଛା ୧୮୬୮ଟଙ୍କାରେ କ୍ରୟ କରି ନେଇଛି। ସମବାୟ ସମିତିର ସମ୍ପାଦକ ଧୀରେନ୍ଦ୍ରନାଥ ମାନସିଂହ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଶେଷ ହେଲା ବାହାର ଚନ୍ଦନ ଯାତ୍ରା

ପୁରୀ ଅଫିସ, ୪।୬

**ଆଜିଠୁ ୨୧ ଦିନିଆ ଭିତର ଚନ୍ଦନଯାତ୍ରା**

ମହାପ୍ରଭୁଙ୍କ ୨୧ ଦିନିଆ ବାହାର ଚନ୍ଦନଯାତ୍ରା ଶୁକ୍ରବାର ହଳଦୀ ପାଣି ନୀତିରେ ସମ୍ପନ୍ନ ହୋଇଛି। ଶନିବାରଠାରୁ ଶ୍ରୀମନ୍ଦିରରେ ଭିତର ଚନ୍ଦନଯାତ୍ରା ଆରମ୍ଭ ହେବ। ଏହା ମଧ୍ୟ ୨୧ ଦିନ ପର୍ଯ୍ୟନ୍ତ ଚାଲିବ। ମାନବୀୟ ଲୀଳାଖେଳା କରୁଥିବା ମହାପ୍ରଭୁ ସାଧାରଣ ମଣିଷ ପରି ରୌଦ୍ର ତାପ ଓ ଗ୍ରୀଷ୍ମ ପ୍ରବାହରୁ ରକ୍ଷା ପାଇବା ପାଇଁ ନରେନ୍ଦ୍ର ପୁଷ୍କରିଣୀରେ ଜଳକ୍ରୀଡ଼ା କରିଥାନ୍ତି। ଶୁକ୍ରବାର ଶ୍ରୀମନ୍ଦିରରେ ଯାତଭୋଗ ସରିବା ପରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଶ୍ରୀମଦନ ମୋହନ, ଶ୍ରୀରାମକୃଷ୍ଣ, ଭୂଦେବୀ, ଶ୍ରୀଦେବୀ ଏବଂ ପଞ୍ଚପାଣ୍ଡବ ପାଲିଙ୍କି ଓ ବିମାନରେ ନରେନ୍ଦ୍ର ପୁଷ୍କରିଣୀକୁ ବିଜେ କରିଥିଲେ। ସେଠାରେ ଭିତରଛ ସେବକଙ୍କ ଦ୍ୱାରା ଜଳଲାଗି ନୀତି ସମ୍ପନ୍ନ କରାଯାଇଥିଲା। ଠାକୁରମାନେ ଚାପ ଖେଳିବା ନିମନ୍ତେ ନନ୍ଦା ଓ ଭଦ୍ରା ଡଙ୍ଗାକୁ ବିଜେ କରିଥିଲେ। ଦିନଚାପ ସରିବା ପରେ ରାମକୃଷ୍ଣଙ୍କୁ ମଦନମୋହନ ବସିଥିବା ଧଳାଚାପକୁ ବିଜେ କରାଯାଇଥିଲା। ସେଠାରେ ହଳଦୀ ପାଣି ନୀତି ସମ୍ପନ୍ନ ହୋଇଥିଲା। ପରେ ମୁଦିରସ୍ତଙ୍କ ଦ୍ୱାରା ରାଜ ବନ୍ଦାପନା ନୀତି ସମ୍ପନ୍ନ ପରେ ଠାକୁରମାନଙ୍କୁ ଚନ୍ଦନ ଚକଡ଼ାକୁ ବିଜେ କରାଯାଇଥିଲା। ସେଠାରେ ନୀତି ସହ ଠାକୁରଙ୍କ ବେଶ ଅନୁଷ୍ଠିତ ହୋଇ ଭୋଗ ମଣୋହି ଓ ଆଳତି କରାଯାଇଥିଲା। ସମସ୍ତ ନୀତି ସମ୍ପନ୍ନ ପରେ ଠାକୁରମାନେ ଶ୍ରମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ହଳଦୀ ପାଣି ଦିନ ରାତ୍ରି ଚାପ ହୋଇ ନ ଥାଏ।

## ପୁରୀ ଜିଲାରେ ଗଡ଼ିଲା ରାଜସ୍ୱ ରଥ

ପୁରୀ ଅଫିସ/ କଣାସ/ ବ୍ରହ୍ମଗିରି ୪।୬(ସ୍ୱ.ପ୍ର/ ଡି.ଏନ୍.ଏ.)

ପୁରୀ ଜିଲାରେ ରାଜସ୍ୱ ରଥ ଗଡ଼ିଛି। ଶୁକ୍ରବାର ପୁରୀ ତହସିଲ କାର୍ଯ୍ୟାଳୟ ପରିସରରେ ରାଜସ୍ୱ ରଥ ଉଦ୍‌ଘାଟିତ ହୋଇଛି। ଜନସାଧାରଣଙ୍କୁ ସେମାନଙ୍କ ଘରେ ନେଇ ପଟ୍ଟା ଓ ବିଭିନ୍ନ ପ୍ରମାଣପତ୍ର ପ୍ରଦାନ କରାଯିବ। ପୁରୀ ସଦର ତହସିଲର ୧୨ଟି ରାଜସ୍ୱ ସର୍କଲରେ ଏହି ସେବା ଯୋଗାଇ ଦିଆଯିବ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ବିନୟ କୁମାର ଦାସ, ସୁଭାଷ ଚନ୍ଦ୍ର ନାଥଶର୍ମା, ଉପଜିଲାପାଳ ଭବତାରଣ ସାହୁ, ତହସିଲଦାର ରବୀନ୍ଦ୍ର କୁମାର ପ୍ରଧାନ, ଅତିରିକ୍ତ ତହସିଲଦାର ଦେବୀ ପ୍ରସନ୍ନ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

କଣାସ ବ୍ଲକରେ ଉପଜିଲାପାଳଙ୍କ ଦ୍ୱାରା ଗତ ୧ ତାରିଖରେ ରାଜସ୍ୱ ରଥ ଉଦ୍‌ଘାଟିତ ହୋଇଯାଇଛି। ଶୁକ୍ରବାର ତହସିଲଦାର ଲକ୍ଷ୍ମୀଧର ମହାରଣା, ଅତିରିକ୍ତ ତହସିଲଦାର ସହଦେବ ସାହୁ, ଅତିରିକ୍ତ ତହସିଲଦାର ଅନିଲ କୁମାର ଆଚାର୍ଯ୍ୟ ବଡାସ ରାଜସ୍ୱ ସର୍କଲ ଯାଇ ଲୋକଙ୍କୁ ପଟ୍ଟା, ପ୍ରମାଣପତ୍ର ବଣ୍ଟନ କରିଛନ୍ତି।

ସେହିପରି ଶୁକ୍ରବାର ବ୍ରହ୍ମଗିରି ତହସିଲ କାର୍ଯ୍ୟାଳୟରେ ରାଜସ୍ୱ ରଥର ଶୁଭ ଉଦ୍‌ଘାଟନ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ପୁରୀ ସଦର ଏସ୍‌ଡିପିଓ କିଶୋର କୁମାର ମୁଣ୍ଡ, ବ୍ରହ୍ମଗିରି ବିଡିଓ ଜ୍ୟୋତିପ୍ରକାଶ ସେଠୀ, ତହସିଲଦାର କାହ୍ନୁଚରଣ ଘଡେଇ, ଥାନାଧିକାରୀ ମନୋଜ ଶତପଥୀ ଯୋଗଦେଇଥିଲେ। ପ୍ରଥମ ଦିନରେ ୧୦ ହିତାଧିକାରୀଙ୍କ ଘରକୁ ଅଧିକାରୀମାନେ ଯାଇ ପଟ୍ଟା ବଣ୍ଟନ କରିଥିଲେ।

## ଶ୍ରମିକଙ୍କ ପରିବର୍ତ୍ତେ ମେଶିନ କରୁଛି କାମ

କାକଟପୁର, ୪।୬(ଡି.ଏନ୍.ଏ.)

ଗ୍ରାମାଞ୍ଚଳର ଜବ୍‌କାର୍ଡଧାରୀ ଶ୍ରମିକଙ୍କୁ ବର୍ଷର ସବୁ ସମୟରେ କାମ ଯୋଗାଇଦେବାକୁ କେନ୍ଦ୍ର ସରକାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) କାର୍ଯ୍ୟକାରୀ କରିଛନ୍ତି। କିନ୍ତୁ ପ୍ରଶାସନିକ ଉଦାସୀନତା ଯୋଗୁ ଏହି ଯୋଜନାର ସଫଳ ରୂପାୟନ ହୋଇପାରୁନାହିଁ। ପୁରୀ ଜିଲା କାକଟପୁର ବ୍ଲକ ଲତାହରଣ ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଚାଲିଥିବା କାମରୁ ଏହା ପ୍ରମାଣିତ ହେଉଛି।

ସମ୍ପ୍ରତି ଲତାହରଣ ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ପୋଖରୀ ଖନନ ଚାଲିଛି। ଏହି କାମରେ ସ୍ଥାନୀୟ ଶ୍ରମିକଙ୍କୁ ନିୟୋଜିତ କରାଯିବାର ନିୟମ ରହିଛି। ମାତ୍ର ଏଠାରେ ନିୟମ ଉଲ୍ଲଂଘନ କରାଯାଇ ଶ୍ରମିକଙ୍କ ପରିବର୍ତ୍ତେ ମେଶିନ ଦ୍ୱାରା କାମ କରାଯାଉଛି। ପୁରୁଣା ପୋଖରୀକୁ ଜେସିବି ଦ୍ୱାରା ଖୋଳାଯାଇ ଟ୍ରାକ୍ଟର ଯୋଗେ ମାଟି ବୁହାଯାଉଛି। ଫଳରେ ମହିଳା ଓ ପୁରୁଷ ଜବ୍‌କାର୍ଡଧାରୀ ଶ୍ରମିକ କାମ ନ ପାଇ ଚିନ୍ତାରେ ବସିଛନ୍ତି। ସେହିପରି ମେଶିନ ଓ ଟ୍ରାକ୍ଟର ଦ୍ୱାରା ଏକ ସ୍ଥାନରେ ମାଟି ପକାଯାଉଛି। ଏଭଳି ଚକ୍ରାନ୍ତପୂର୍ଣ୍ଣ ଭାବେ ମିଥ୍ୟା ବିଲ୍ ମାଧ୍ୟମରେ ଅର୍ଥ ଲୁଟ୍ ପାଇଁ ମସୁଧା କରାଯାଉଛି ବୋଲି ସାଧାରଣରେ ଅଭିଯୋଗ ହେଉଛି। ୧୬ ଓ ୧୭ ନମ୍ବର ୱାର୍ଡର ୱାର୍ଡମେମ୍ବର ରେଜିୟା ଖାତୁନ୍ ଓ ମୁସ୍ତାକ ଖାଁଙ୍କ ସମେତ ସେଖ୍ ନୟୁମ୍ ଜୁନେଦ ଖାଁ, ଶେଖ୍ ସର୍ଫରାଜ, ସେଖ ମୁଜାଫର ଏବଂ ଗ୍ରାମବାସୀ ଏ ନେଇ ମୁଖ୍ୟମନ୍ତ୍ରୀ, ଜିଲାପାଳ, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ, ବିଡିଓ, ଜିଲା ପରିଷଦ ଅଧ୍ୟକ୍ଷ ଏବଂ ବ୍ଲକ ଅଧ୍ୟକ୍ଷାଙ୍କୁ ଅଭିଯୋଗ ଜଣାଇଛନ୍ତି। ତୁରନ୍ତ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା କାର୍ଯ୍ୟ ତଦାରଖ ସହ କାମ ବନ୍ଦ କରାଯାଉ, ନଚେତ ଆଗାମୀ ଦିନରେ ଜୋରଦାର ବିରୋଧ କରାଯିବ ବୋଲି ଗ୍ରାମବାସୀ କହିଛନ୍ତି।




ପୋଖରୀରୁ ଉଠାଯାଉଥିବା ମାଟି ଟ୍ରାକ୍ଟର ଯୋଗେ ବୁହାଯାଉଛି।

**ଏମ୍‌ଜିଏନ୍‌ଆର୍‌ଇଜିଏସ୍**

ଧରିତ୍ରୀ DHARITRI
ଭୁବନେଶ୍ୱର, ଶନିବାର, ୫ ଜୁନ୍, ୨୦୨୧

## ମନ୍ଦିର ହୁଣ୍ଡିରୁ ଚୋରି

ଜଟଣୀ, (ଡି.ଏନ୍.ଏ.): ଜଟଣୀ ପୌରାଞ୍ଚଳ ଅଧୀନ ଟ୍ରାଫିକ୍ କଲୋନୀ ନୀଳାଚଳ ରନିଂରୁମ୍ ନିକଟ ସାଇ ମନ୍ଦିରରୁ କେହି ଦୁର୍ବୃତ୍ତ ହୁଣ୍ଡି ଭାଙ୍ଗି ସମସ୍ତ ଟଙ୍କା ଚୋରି କରି ନେଇଥିବା ଶୁକ୍ରବାର ଅଭିଯୋଗ ହୋଇଛି। ସୂଚନା ମୁତାବକ, ଗୁରୁବାର ରାତି ୯ଟାରେ ଠାକୁରଙ୍କ ନୀତି ସରିବା ପରେ ମନ୍ଦିରରେ ତାଲା ପକାଯାଇଥିଲା। ଶୁକ୍ରବାର ପୂର୍ବାହ୍ନରେ ମନ୍ଦିରକୁ ପୂଜକ ଆସିବା ପରେ ମନ୍ଦିରର ୩ଟି ତାଲା ଭଙ୍ଗାଯିବା ସହ ହୁଣ୍ଡିରୁ ଦାନ ଅର୍ଥକୁ କେହି ନେଇଯାଇଥିବା ଦେଖିବାକୁ ପାଇଥିଲେ। ଏହା ପରେ ସେ ମନ୍ଦିର କମିଟିକୁ ଜଣାଇଥିଲେ। ଏନେଇ ମନ୍ଦିର କମିଟି ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି।



## ସଂକ୍ଷେପରେ

### ଟ୍ରକ୍‌ରୁ ଖସିଲା ପଥର, ବର୍ତ୍ତିଲେ ବାଇକ୍ ଚାଳକ

**ଜଟଣୀ,୪।୬(ଡି.ଏନ୍.ଏ.):** ଜଟଣୀ ସହରରେ ଚଳନ୍ତା ପଥର ବୋଝେଇ ଟ୍ରକ୍‌ରୁ ବାରମ୍ବାର ପଥର ଖଣ୍ଡ ଖସୁଥିଲେ ମଧ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଶୁକ୍ରବାର ପୂର୍ବାହ୍ନରେ ଏକ ପଥର ବୋଝେଇ ଟିପ୍ପର ଖୋର୍ଦ୍ଧାରୁ ପିପିଲି ଅଭିମୁଖେ ଯାଉଥିବା ବେଳେ ସୀତାରାମଛକ ନିକଟରେ ବଡ ପଥର ଖଣ୍ଡ ଖସିପଡିଥିଲା। ଉକ୍ତ ଗାଡ଼ି ପଛେ ଯାଉଥିବା ଦୁଇଜଣ ବାଇକ ଚାଳକ ରାସ୍ତାକଡକୁ ବାଇକ ସହ ପଡ଼ିଯାଇଥିଲେ। ଏକ ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ଏଭଳି ଘଟଣା ବାରମ୍ବାର ଘଟୁଥିଲେ ମଧ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

### ୧୨୧ ସଂକ୍ରମିତ, ୨୭ ସୁସ୍ଥ

**ଖୋର୍ଦ୍ଧା ଅଫିସ,୪।୬:** ଖୋର୍ଦ୍ଧା ଗ୍ରାମାଞ୍ଚଳରେ ଶୁକ୍ରବାର ୧୨୧ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୨୭ଜଣ ସୁସ୍ଥ ହୋଇଛନ୍ତି। ପଜିଟିଭଙ୍କ ମଧରେ ବାଲିଅନ୍ତା ବ୍ଲକର ୧୪, ବାଲିପାଟଣା ୪, ଭୁବନେଶ୍ୱର ବ୍ଲକ ୧୯, ଜଟଣୀ ୨୦, ଖୋର୍ଦ୍ଧା ୩୧, ବେଗୁନିଆ ୩, ବୋଲଗଡ଼ ୫, ଟାଙ୍ଗୀ ୧୯, ଚିଲିକା ୪ ଏବଂ ବାଣପୁରର ୨ଜଣ ରହିଛନ୍ତି। ଜିଲା ପ୍ରଶାସନର ରିପୋର୍ଟ ଅନୁସାରେ ଖୋର୍ଦ୍ଧା ଗ୍ରାମାଞ୍ଚଳରେ ମୋଟ ୩,୫୩,୬୬୯ ନମୁନା ସଂଗ୍ରହ କରାଯାଇଛି। ସେଥିରୁ ୨୨,୧୦୬ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୨୦,୫୫୮ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ୬୮ଜଣଙ୍କ ମୃତ୍ୟୁ ଘଟିଛି। ୧୪୮୦ଜଣ ସକ୍ରିୟ ସଂକ୍ରମିତ ରହିଛନ୍ତି।

### ଚେକିଂ, ବ୍ଲକିଂ ଜୋରଦାର: ୩ ଦୋକାନ ସିଲ୍

**ଖୋର୍ଦ୍ଧା ଅଫିସ,୪।୬:** କରୋନା ଚେନକୁ ବ୍ରେକ୍ ଦେବା ଲାଗି ରାଜ୍ୟରେ ଲକ୍‌ଡାଉନ ଏବଂ ଶଟ୍‌ଡାଉନ ଜାରି ରହିଛି। ଖୋର୍ଦ୍ଧା ଉପଖଣ୍ଡରେ ଏନ୍‌ଫୋର୍ସମେଣ୍ଟକୁ କଡାକଡି କରାଯାଇଛି। ଅମାନିଆଙ୍କ ଠାରୁ ଜରିମାନା ଆଦାୟ କରାଯାଉଛି। ଚିଲିକା ଏବଂ ବାଣପୁର ଅଞ୍ଚଳରେ ରହିଥିବା ମାଛ ବ୍ୟବସାୟ ପେଣ୍ଠଗୁଡିକରେ ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦିଆଯାଉଛି। ଶୁକ୍ରବାର ବାଣପୁର, ବାଲୁଗାଁ, ଟାଙ୍ଗୀ ଅଞ୍ଚଳରେ ସ୍ଥାନୀୟ ବିଡିଓ, ତହସିଲଦାରମାନେ ଲକ୍‌ଡାଉନ ସମୟରେ ଏନଫୋର୍ସମେଣ୍ଟକୁ କଡାକଡି କରିଛନ୍ତି। ଖୋର୍ଦ୍ଧା ପୌରାଞ୍ଚଳରେ କୋଭିଡ୍ ନିୟମ ଉଲ୍ଲଂଘନ ନେଇ ୩ଟି ଦୋକାନକୁ ସିଲ୍ କରାଯାଇଛି। ଶୁକ୍ରବାର ନୂଆବସ୍‌ଷ୍ଟାଣ୍ଡ, ଟ୍ରାଫିକ ଛକ, ଚଣ୍ଡିଚୁଆ ଛକ ଏବଂ ମୁକୁନ୍ଦପ୍ରସାଦ ଛକରେ ଏସ୍‌ପି ରାଜକିଶୋର ଦୋରା, ତହସିଲଦାର ପଦ୍ମଚରଣ ସାହୁଙ୍କ ସମେତ ପ୍ରଶାସନ ଏବଂ ପୋଲିସ ପକ୍ଷରୁ ମିଳିତ ଯାଞ୍ଚ କରାଯାଇଥିଲା।

### କୁଲେଇ ଗାଁ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ୍

**ବାଣପୁର,୪।୬(ଡି.ଏନ୍.ଏ.):** ବାଣପୁର ବ୍ଲକ ଅଞ୍ଚଳରେ କରୋନା ସଂକ୍ରମଣ ବଢିବାରେ ଲାଗିଛି। ଏହି ବ୍ଲକ ଅଧୀନ କୁଲେଇ ପଞ୍ଚାୟତର କୁଲେଇ ଗ୍ରାମରେ ପଜିଟିଭ୍ ଚିହ୍ନଟ ପରେ ତହସିଲଦାର ମନ୍ମଥ ବେହେରା ଏହି ଗ୍ରାମର କେତେକ ଅଞ୍ଚଳକୁ ଉପଜିଲାପାଳ ଅଶୋକ ବେହୁରିଆ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରିଛନ୍ତି। ଗ୍ରାମର ବ୍ରଜ ପ୍ରତିହାରୀଙ୍କ ଘରଠାରୁ ମଙ୍ଗୁଳି ଭୋଳଙ୍କ ଘର ପର୍ଯ୍ୟନ୍ତ ୧୩୨୦ ଜନସଂଖ୍ୟାବିଶିଷ୍ଟ ୨୩୦ପରିବାର ବାସକରୁଥିବା ଅଞ୍ଚଳକୁ ଗୁରୁବାର ରାତି ୭ଟାରୁ କଣ୍ଟେନ୍‌ମେଣ୍ଟ ଜୋନ୍ କରାଯାଇଛି। ଆସନ୍ତା ୧୨ତାରିଖ ଶନିବାର ରାତି ୯ଟା ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ।

### ଖୋର୍ଦ୍ଧା ଜିଲା ଭାଜପା କାର୍ଯ୍ୟକାରିଣୀ ଘୋଷିତ

**ଖୋର୍ଦ୍ଧା ଅଫିସ,୪।୬:** ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ଏବଂ ରାଜ୍ୟ ପ୍ରଭାରୀ ଡି.ପୁରନ୍ଦେଶ୍ୱରୀଙ୍କ ଅନୁମୋଦନକ୍ରମେ ଜିଲା ସଭାପତି ରଶ୍ମିରଞ୍ଜନ ମହାପାତ୍ର ଜିଲା କାର୍ଯ୍ୟକାରିଣୀ ଘୋଷଣା କରିଛନ୍ତି। ଉପସଭାପତି ଭାବେ ୩ ମହିଳାଙ୍କ ସମେତ ୮ଜଣ ଦାୟିତ୍ୱରେ ରହିଛନ୍ତି। ୩ଜଣ ସାଧାରଣ ସମ୍ପାଦକ ଏବଂ ସମ୍ପାଦକ ପଦବୀରେ ୪ଜଣ ଏସ୍‌ସି/ଏସ୍‌ଟି ମହିଳାଙ୍କ ସମେତ ୮ଜଣ ରହିଛନ୍ତି। ଲକ୍ଷ୍ମୀକାନ୍ତ ମିଶ୍ର କୋଷାଧକ୍ଷ, ଶ୍ରୀନିବାସ ବିଶ୍ୱାଳ କାର୍ଯ୍ୟାଳୟ ସମ୍ପାଦକ ଦାୟିତ୍ୱରେ ରହିଛନ୍ତି। ପ୍ରଦୀପ ବଡ଼ଜେନା ଯୁବମୋର୍ଚ୍ଚା, ପ୍ରବୀଣା ପ୍ରିୟଦର୍ଶିନୀ ବଡଜେନା ମହିଳା ମୋର୍ଚ୍ଚା, ତାପସ ଜେନା କିଷାନ ମୋର୍ଚ୍ଚା, ଶିବ ମଲିକ ଏସ୍‌ସି ମୋର୍ଚ୍ଚା, ପାଣ୍ଡବ ସରାବ ଏସ୍‌ଟି ମୋର୍ଚ୍ଚା, ଅଶୋକ ପ୍ରଧାନ ଓବିସି ମୋର୍ଚ୍ଚା ଏବଂ ଏସ୍‌କେ ହାଇଦର ଅଲ୍ଲୀ ମାଇନରିଟି ମୋର୍ଚ୍ଚାର ସଭାପତି ଭାବେ ମନୋନୀତ ହୋଇଛନ୍ତି।

# ଦୁର୍ବଳ ନଦୀବନ୍ଧ ମରାମତିକୁ ଗୁରୁତ୍ୱ

**ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ**

- ୫୧ ବହୁମୁଖୀ ଆଶ୍ରୟସ୍ଥଳ, ୨୦ଡଙ୍ଗା, ପାୱାର ବୋଟ, ଉପକରଣ ପ୍ରସ୍ତୁତ ରହିଛି
- ଜିଲାସ୍ତରରେ ଖୋଲାଯାଇଛି କଣ୍ଟ୍ରୋଲରୁମ୍
- ଉଦ୍ଧାର, ଚିକିତ୍ସା ଓ ରିଲିଫ୍ ଉପରେ ଗୁରୁତ୍ୱ

ଖୋର୍ଦ୍ଧା ଅଫିସ,୪।୬

ଖୋର୍ଦ୍ଧା ଜିଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ ଭର୍ଚୁଆଲରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସନତ ମହାନ୍ତି ଅଧକ୍ଷତା କରିଥିଲେ। ୨୦୨୧-୨୨ ବନ୍ୟା ଓ ବାତ୍ୟା ପାଇଁ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା।

ଜିଲାପାଳ ମହାନ୍ତି କହିଛନ୍ତି ଯେ, ସମ୍ଭାବ୍ୟ ବନ୍ୟା ଓ ବାତ୍ୟା ମୁକାବିଲା ଲାଗି ଜିଲାରେ ୫୧ଟି ବହୁମୁଖୀ ଆଶ୍ରୟସ୍ଥଳ ରହିଛି। ଏଥିସହ ଅତିରିକ୍ତ ଆଶ୍ରୟସ୍ଥଳ ମଧ ରହିଛି। ଆବଶ୍ୟକ ଅନୁସାରେ ଏହାକୁ ବ୍ୟବହାର କରାଯିବ। ବାତ୍ୟା 'ୟାସ୍'ରେ ୨୨୬ କେନ୍ଦ୍ରରେ ୯୭୪୭ଜଣଙ୍କୁ ଅବସ୍ଥାପିତ କରାଯାଇଥିଲା। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଅନୁଜ ଦାସ ପଟ୍ଟନାୟକ କହିଥିଲେ, ବାତ୍ୟା, ବନ୍ୟା ମୁକାବିଲା ଲାଗି ଜୁନ ପହିଲାରୁ ଜିଲାପାଳଙ୍କ କାର୍ଯ୍ୟାଳୟରେ କଣ୍ଟ୍ରୋଲରୁମ ଖୋଲାଯାଇଛି। ନଭେମ୍ବର ୩୦ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ରହିବ। ଏଥିସହ ସମସ୍ତ ବ୍ଲକ ଓ ତହସିଲ କାର୍ଯ୍ୟାଳୟରେ କଣ୍ଟ୍ରୋଲରୁମ ଖୋଲାଯିବ। ବନ୍ୟା ସମୟରେ ଲୋକଙ୍କୁ ଉଦ୍ଧାର ଏବଂ ସାହାଯ୍ୟ ଲାଗି ଡଙ୍ଗା ଓ ପାୱାର ବୋଟ ମଧ ବ୍ୟବସ୍ଥା କରାଯାଇଛି। ବାଲୁଗାଁ ଡିଏଫ୍‌ଓଙ୍କ ନିକଟରେ ୨୦ଟି ଡଙ୍ଗା ପ୍ରସ୍ତୁତ ହୋଇ ରହିଛି। ଆବଶ୍ୟକ ଉପକରଣ, ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଦୁର୍ବଳ ନଦୀବନ୍ଧ ଚିହ୍ନଟ ସହ ତୁରନ୍ତ ମରାମତି, ଖାଲୁଆ ଅଞ୍ଚଳରୁ ଜଳ ନିଷ୍କାସନ ପାଇଁ ପମ୍ପସେଟ ରଖିବାକୁ ପରାମର୍ଶ ଦେଇଥିଲେ। ଖୋର୍ଦ୍ଧା ଜଳସେଚନ ଡିଭିଜନ, ପ୍ରାଚୀ ଜଳସେଚନ ଡିଭିଜନ ଏବଂ ନିମାପଡା ଡିଭିଜନରେ ଦୁର୍ବଳ ନଦୀବନ୍ଧ ଚିହ୍ନଟ କରାଯାଇଛି। ବନ୍ଧ ନିର୍ମାଣ ଆବଶ୍ୟକ ବାଲିବସ୍ତା ଓ ବନ୍ୟା ମୁକାବିଲା ଲାଗି ଯନ୍ତ୍ରପାତି ପ୍ରସ୍ତୁତ ରଖାଯାଇଥିବା ନିର୍ବାହୀଯନ୍ତ୍ରୀମାନେ କହିଛନ୍ତି। ପ୍ରାଚୀ ଡିଭିଜନରେ କୁଶଭଦ୍ରା, ଦୟା, କୁଆଖାଇରେ ନଦୀବନ୍ଧ ଅଞ୍ଚଳ ରହିଛି। ଅଧିକ ବନ୍ୟାଜଳ ଆସିଲେ, ସ୍ଲୁଇସ୍ ଗେଟ୍ ମାଧମରେ ବନ୍ୟାଜଳ ଛଡାଯିବ। ଭୁବନେଶ୍ୱର ଡ୍ରେନେଜ ନିର୍ବାହୀଯନ୍ତ୍ରୀ ଜଳ ନିଷ୍କାସନ ସମ୍ପର୍କରେ ସୂଚନା ଦେଇଥିଲେ। ବନ୍ୟା, ବାତ୍ୟା ସମୟରେ ଜଳବନ୍ଦୀରେ ରହିଥିବା ଲୋକଙ୍କୁ ଉଦ୍ଧାର ଲାଗି ଆବଶ୍ୟକ ବୋଟ୍ ବ୍ୟବସ୍ଥା ସହ ରିଲିଫ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରାଯିବା ଉପରେ ବିଧାୟକମାନେ ମତପ୍ରକାଶ କରିଥିଲେ। ସମ୍ଭାବ୍ୟ ବାତ୍ୟା ଓ ବନ୍ୟା ପୂର୍ବରୁ ପ୍ରତି ବ୍ଲକସ୍ତରରେ ଚୁଡା, ଚିନି, ଚାଉଳ ଆଦି ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ ରଖାଯିବ ବୋଲି ଜିଲା ଯୋଗାଣ ଅଧିକାରୀ ଅନାଥ ସ୍ୱାଇଁ କହିଛନ୍ତି। ବନ୍ୟା ପ୍ରଭାବିତ ଅଞ୍ଚଳରେ ଅସ୍ଥାୟୀ ମେଡିକାଲ କ୍ୟାମ୍ପ ବ୍ୟବସ୍ଥା କରାଯିବ। ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ସମସ୍ତ ସିଏଚସି ଏବଂ ପିଏଚସିରେ ହାଲୋଜିନ ବଟିକା, ଓଆରଏସ ପ୍ୟାକେଟ ଏବଂ ଅତ୍ୟାବଶ୍ୟକ ଔଷଧ ମହଜୁଦ ରଖାଯିବ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିଶ୍ୱ ରଞ୍ଜନ ପତି କହିଛନ୍ତି। କ୍ଷତିଗ୍ରସ୍ତଙ୍କ ଚାଷୀଙ୍କ କ୍ଷୟକ୍ଷତି ଆକଳନ ସହ ତୁରନ୍ତ ସହାୟତା ପ୍ରଦାନ ଉପରେ ଗୁରୁତ୍ୱ ଦିଆଯିବ ବୋଲି ଜିଲା କୃଷି ଅଧିକାରୀ କହିଛନ୍ତି। ବନ୍ୟା ସମୟରେ ଗୃହପାଳିତ ପଶୁଙ୍କ ପ୍ରାଥମିକ ଚିକିତ୍ସା, ପର୍ଯ୍ୟାପ୍ତ ଗୋଖାଦ୍ୟ ବ୍ୟବସ୍ଥା କରାଯିବ ବୋଲି ଜିଲା ପ୍ରାଣୀଧନ ଚିକିତ୍ସାଧିକାରୀ କହିଛନ୍ତି। ଏହି ସମୟରେ ରାପିଡ ରେସପନ୍ସ ଟିମ କାର୍ଯ୍ୟକ୍ଷମ ରହିବେ ବୋଲି ସେ କହିଛନ୍ତି। ବନ୍ୟା ମୁକାବିଲା ସମ୍ପର୍କରେ ଗ୍ରାମ୍ୟ ଜଳଯୋଗାଣ ନିର୍ବାହୀଯନ୍ତ୍ରୀ କହିଛନ୍ତି, ଜିଲାର ୧୦ ବ୍ଲକରେ ୨୦ଟି ଜେନେଟର ଏବଂ ପ୍ରତି ବ୍ଲକରେ ୨ଟି ଲେଖାଏ ପାଣିଟ୍ୟାଙ୍କର ବ୍ୟବସ୍ଥା କରାଯିବ। ମୌସୁମୀ ବର୍ଷା ପୂର୍ବରୁ ଗ୍ରାମାଞ୍ଚଳରେ ବ୍ଲିଚିଂ ପକାଯାଇ ବିଶୋଧନ କରାଯିବ। ୱାଟକୋ ଜେନେରାଲ ମ୍ୟାନେଜର ଜଳ ବିଶୋଧନ ଓ ମୋବାଇଲ ୟୁନିଟ ସମ୍ପର୍କରେ ସୂଚନା ଦେଇଥିଲେ। ବନ୍ୟା ପ୍ରଭାବିତ ଅଞ୍ଚଳରେ ବିଦ୍ୟୁତ୍ ଯୋଗାଣ ଏବଂ ପୁନରୁଦ୍ଧାର କାର୍ଯ୍ୟ ପାଇଁ ୪ଟି ପାୱାର ବୋଟ, ଆବଶ୍ୟକ କର୍ମଚାରୀ ଓ ଉପକରଣ ମହଜୁଦ ରହିଥିବା ସୂଚନା ଦେଇଛନ୍ତି। ବନ୍ୟା ସମୟରେ ଜିଲା ପୋଲିସ ପକ୍ଷରୁ ସମସ୍ତ ସହଯୋଗ ବ୍ୟବସ୍ଥା କରାଯିବ ବୋଲି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ କହିଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧରେ ଜୟଦେବ ବିଧାୟକ ଅରବିନ୍ଦ ଢାଲି, ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ, ଜିଲା ପରିଷଦ ଅଧକ୍ଷ ପ୍ରଫୁଲ୍ଲ କୁମାର ଦଲାଇ, ଅତିରିକ୍ତ ଜିଲାପାଳ ମନୋଜ ପାତ୍ରୀ, ଖୋର୍ଦ୍ଧା ଉପଜିଲାପାଳ ଅଶୋକ ବେହୁରିଆ, ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ଶୁକ୍ରବାର ନିରାକାରପୁର ଲେଭଲ କ୍ରସିଂ ନିକଟରେ ଲୋକଙ୍କ ଭିଡ଼।

## ଦମ୍ପତିଙ୍କଠାରୁ ଲକ୍ଷାଧିକ ଟଙ୍କାର ସୁନାଅଳଙ୍କାର ଲୁଟ୍

ଖୋର୍ଦ୍ଧା ଅଫିସ,୪।୬

କରୋନା ସଂକ୍ରମଣ ରୋକିବା ପାଇଁ ରାଜ୍ୟରେ ଲକ୍‌ଡାଉନ ଜାରି ରହିଛି। ଏହି ସମୟରେ ଖୋର୍ଦ୍ଧା ଜିଲାରେ ଲୁଟେରାମାନେ ସକ୍ରିୟ ହୋଇଉଠିଛନ୍ତି। ଶୁକ୍ରବାର ଅପରାହ୍ନରେ ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥ ବାଘମାରୀ-ସାରୁଆ ରାସ୍ତା ମଝିରୁ ଦମ୍ପତିଙ୍କଠାରୁ ଦୁଇଜଣ ଦୁର୍ବୃତ୍ତ ଲକ୍ଷାଧିକ ଟଙ୍କାର ସୁନା ଗହଣା ଲୁଟି ନେଇଛନ୍ତି। ବାଘମାରୀ ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ସୂଚନା ମୁତାବକ, ଭୁବନେଶ୍ୱର ସତ୍ୟବିହାରର ସୁରଜ ପଟ୍ଟନାୟକ ସ୍ତ୍ରୀ ନିବେଦିତାଙ୍କ ସହ ବାଇକ(ଓଡି୨୫ଜି୬୩୫)ରେ ନୟାଗଡ଼ ବାହାଡାଖୋଲାକୁ ଯାଉଥିଲେ। ଦୁଇଜଣ ଦୁର୍ବୃତ୍ତ ଧଳା ରଙ୍ଗର ବାଇକରେ ତାଙ୍କୁ ପିଛା କରି ଅପରାହ୍ନ ପ୍ରାୟ ସାଢ଼େ ୫ଟା ରେ ସାରୁଆ ବାଘମାରି ରାସ୍ତା ଥିବା ପୋଖରୀ ନିକଟରୁ ସୁନା ଅଳଙ୍କାର ଥିବା ବ୍ୟାଗକୁ ଝାମ୍ପିନେଇ ଫେରାର ହୋଇଯାଇଥିଲେ। ଏନେଇ ସୁରଜ ବାଘମାରି ଥାନାରେ ଅଭିଯୋଗ କରିଥିଲେ।

## ଶ୍ୱଶୁର ମୃତ, ବୋହୂ ସହ ୨ ଗୁରୁତର

ବାଣପୁର,୪।୬(ଡି.ଏନ୍.ଏ.)

**ଓଭରବ୍ରିଜ୍ ୱାଲ୍‌କୁ ଧକ୍କା ଦେଇ ଓଲଟିଲା ଅଟୋ**



୧୬ନମ୍ବର ଜାତୀୟ ରାଜପଥର ବାଣପୁର ଥାନା ଅଧୀନ ନାଟୁଣୀ ବାଇପାସ୍‌ରେ ଶୁକ୍ରବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଅଟୋ ଭାରସାମ୍ୟ ହରାଇ ଓଭରବ୍ରିଜ୍ ଗାର୍ଡ୍‌ୱାଲକୁ ଧକ୍କା ଦେଇ ଓଲଟି ପଡ଼ିବାରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩ଜଣ ଆହତ ହୋଇଛନ୍ତି। ମୃତକ ହେଲେ ଏହି ଥାନା ଅଧୀନ ପାତ୍ରପୁର ଗ୍ରାମର ରାମକୃଷ୍ଣ ବିଶୋଇ। ବୋହୂ ମଞ୍ଜୁବାଳା ଏବଂ ଅଟୋ ଚାଳକଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ସୂଚନା ମୁତାବକ, ଶୁକ୍ରବାର ଭୋରରୁ ରାମକୃଷ୍ଣ, ବୋହୂ ମଞ୍ଜୁବାଳା ଓ ନାତୁଣୀଙ୍କ ସହ ଏକ ଅଟୋରେ ବନ୍ଧୁଘର ନୟାଗଡ଼ ଯାଉଥିଲେ। ଚାଳକଙ୍କ ଅସାବଧାନତାରୁ ନାଟୁଣୀ ବାଇପାସ୍‌ରେ ଥିବା ଓଭରବ୍ରିଜ ଗାର୍ଡ୍‌ୱାଲକୁ ଧକ୍କା ଦେଇ ଅଟୋ ଓଲଟି ପଡ଼ିଥିଲା। ଫଳରେ ରାମକୃଷ୍ଣଙ୍କ ସମେତ ମଞ୍ଜୁବାଳା ଓ ନାତୁଣୀ ଏବଂ ଅଟୋଚାଳକ ଆହତ ହୋଇଥିଲେ। ଖବରପାଇ ନାଟୁଣୀ ଫାଣ୍ଡି ଅଧିକାରୀ ଉମାକାନ୍ତ ସାହୁ ଘଟଣାସ୍ଥଳରେ ପହଞ୍ଚି ୧୦୮ ଆମ୍ବୁଲାନ୍ସରେ ସମସ୍ତ ଆହତଙ୍କୁ ଚିକିତ୍ସା ପାଇଁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ଡାକ୍ତର ରାମକୃଷ୍ଣଙ୍କୁ ମୃତ ଘୋଷଣା କରିଥିଲେ। ମଞ୍ଜୁବାଳା ଓ ଅଟୋ ଚାଳକଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଏନେଇ ମଞ୍ଜୁଲତାଙ୍କ ଯା' ଥାନାରେ କରିଥିବା ଅଭିଯୋଗକୁ ଭିତ୍ତିକରି ପୋଲିସ ଦୁର୍ଘଟଣାଗ୍ରସ୍ତ ଅଟୋ ଜବତ କରିବା ସହ ତଦନ୍ତ ଚଳାଇଛି।

## ଜୁଆ ଆଡ୍ଡାରେ ଚଢ଼ାଉ, ୫ ଗିରଫ

ଟାଙ୍ଗୀ(ଖୋର୍ଦ୍ଧା),୪।୬(ଡି.ଏନ୍.ଏ.)

ଟାଙ୍ଗୀ ଥାନା ପୋଲିସ ଶୁକ୍ରବାର ଜରିପଡ଼ା ପଞ୍ଚାୟତର ଜଗନ୍ନାଥପୁର ଗ୍ରାମର ଏକ ଜୁଆ ଆଡ୍ଡାରେ ଚଢ଼ାଉ କରି ୫ଜଣଙ୍କୁ ଗିରଫ କରି କୋର୍ଟଚାଲଣ କରିଛି। ଅଭିଯୁକ୍ତମାନେ ହେଲେ ଜଗନ୍ନାଥପୁର ଗ୍ରାମର ଭୁବନ ବେହେରା, ଲିପୁ ବେହେରା, ଦିଲୀପ ବେହେରା, ନରହରି ବେହେରା, ଅଶୋକ ବେହେରା। ଏମାନଙ୍କ ନିକଟରୁ ୧୬ହଜାର ୮ଶହ ଟଙ୍କା, ୪ ମୋବାଇଲ ଫୋନ ଓ ତାସ ଜବତ ହୋଇଛି। ଥାନାରେ ଏକ ମାମଲା (ନଂ.୧୮୪/୨୧)ରୁଜୁ ହୋଇଛି।

## ଆପୋସ ବୁଝାମଣାରେ ବିବାଦର ସମାଧାନ

ବେଗୁନିଆ,୪।୬(ଡି.ଏନ୍.ଏ.)

**ରାଶନ ସାମଗ୍ରୀ ବାଟମାରଣା ଘଟଣା**



ବ୍ଲକ କାର୍ଯ୍ୟାଳୟ ଆଗରେ ଠଣାପଲୀ ଗ୍ରାମର ଖାଉଟିମାନେ ପ୍ରତିବାଦ କରୁଛନ୍ତି।

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ରାଉତପଡା ପଞ୍ଚାୟତ ଠଣାପଲୀ ଗ୍ରାମରେ କେତେଜଣ ଖାଉଟିଙ୍କ ମାଗଣା ରାଶନ ସାମଗ୍ରୀ ବାଟମାରଣା କରାଯାଉଥିବା ନେଇ ଅଭିଯୋଗ ହୋଇଥିଲା। ସୁଫଳ ନ ମିଳିବାରୁ ସେମାନେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ଧାରଣା ଦେଇଥିଲେ। ମାତ୍ର ପ୍ରଶାସନ ପକ୍ଷରୁ ସେମାନଙ୍କ ଅଭିଯୋଗକୁ ଗୁରୁତ୍ୱ ନ ଦିଆଯାଇ ହଟେଇ ଦିଆଯାଇଥିଲା। ଫଳରେ ଖାଉଟିମାନେ ସାମଗ୍ରୀ ନ ନେଇ ଖାଲି ହାତରେ ଘରକୁ ଫେରିଥିଲେ। ଉକ୍ତ ପଞ୍ଚାୟତରେ ନିଯୁକ୍ତି ପାଇଥିବା ଯୋଗାଣ ସହାୟିକା ଘଟଣା ସମ୍ପର୍କରେ ବିଡିଓଙ୍କୁ ଜଣାଇଥିଲେ। ତେବେ ଯୋଗାଣ ସହାୟିକାଙ୍କୁ ଖାଉଟିମାନେ ଦୁର୍ବ୍ୟବହାର କରିଥିବା ନେଇ ବିଡିଓଙ୍କ ସୁପାରିସକ୍ରମେ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ତଦନ୍ତ ଆରମ୍ଭ କରିବା ମଧରେ ଘଟଣାର ମୋଡ ବଦଳି ଯାଇଥିଲା। ଶୁକ୍ରବାର ପୂର୍ବାହ୍ନରେ ଠଣାପଲୀ ଗାଁ କେତେଜଣ ଖାଉଟି ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ଏବିଡିଓଙ୍କ ନିକଟରେ ଯୋଗାଣ ସହାୟିକାଙ୍କ ବେଆଇନ କାର୍ଯ୍ୟକଳାପ ସମ୍ପର୍କରେ ଅଭିଯୋଗ କରିଥିଲେ। ସେହିପରି ଥାନାରେ ମଧ ସହାୟିକାଙ୍କ ନାମରେ ଜାତିଆଣ ଆକ୍ଷେପ କରିଥିବା ନେଇ ଅଭିଯୋଗ କରିଥିଲେ। ପରେ ପ୍ରଶାସନ ମୁଣ୍ଡ ନୁଆଁଇବାକୁ ବାଧ ହୋଇଥିଲା। ଶେଷରେ ଗ୍ରାମର କେତେଜଣ ବୁଦ୍ଧିଜୀବୀଙ୍କ ଉପସ୍ଥିତିରେ ଘଟଣାର ସମାଧାନ ହୋଇଥିଲା। ପ୍ରକାଶ ଯେ, ସରକାରଙ୍କ ପକ୍ଷରୁ ମିଳିଥିବା ମାଗଣା ରାଶନ ସାମଗ୍ରୀକୁ ଯୋଗାଣ ବିଭାଗ ଜରିଆରେ ବଣ୍ଟନ ବ୍ୟବସ୍ଥା ହୋଇଥିଲା। ତେବେ ଧାର୍ଯ୍ୟ ପରିମାଣଠାରୁ କମ୍ ବଣ୍ଟନ କରାଯାଉଥିବାରୁ ଖାଉଟିମାନେ ପ୍ରତିବାଦ କରିଥିଲେ। ମାତ୍ର ସେମାନଙ୍କ ଅଭିଯୋଗକୁ ଖଣ୍ଡନ କରାଯାଇଥିଲା। ଏ ସମ୍ପର୍କରେ ଥାନାଧିକାରୀ ଲକ୍ଷ୍ମୀ ପ୍ରସାଦ ଶତପଥୀ କହିଛନ୍ତି, ଜାତିଆଣ ଆକ୍ଷେପ ଅଭିଯୋଗ ପାଇବା ପରେ ଗୁରୁତ୍ୱ ଦେବା ସହ ଘଟଣାର ତଦନ୍ତ ଆରମ୍ଭ ହୋଇଥିଲା। ଉଭୟ ପକ୍ଷ ଆପୋସ ସମାଧାନ ହୋଇଥିବା ନେଇ କପି ଥାନାରେ ଦାଖଲ କରିଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ପ୍ରବୀର



@ ପ୍ରବୀଣା



@ ଅଭିଜିତ୍



@ ରିଙ୍କି



@ ଶିବପ୍ରସାଦ



@ ସୁନୀତା

## ସରିଲା ଗୌରଜଗନ୍ନାଥଙ୍କ ଚନ୍ଦନ ଯାତ୍ରା

ଖୋର୍ଦ୍ଧା ଅଫିସ,୪।୬

ଖୋର୍ଦ୍ଧା ସ୍ଥିତ ଶ୍ରୀଚୈତନ୍ୟ ଗବେଷଣା ପ୍ରତିଷ୍ଠାନ ଆନୁକୂଲ୍ୟରେ ଶ୍ରୀଚୈତନ୍ୟ ବିହାର ଗୌରାଙ୍ଗନାଥ ମନ୍ଦିର ପରିସରରେ ପବିତ୍ର ଅକ୍ଷୟ ତୃତୀୟା ଠାରୁ ଚାଲିଥିବା ଚନ୍ଦନଯାତ୍ରା ଶୁକ୍ରବାର ନିରାଡ଼ମ୍ବରରେ ସମାପନ ହୋଇଛି। ପ୍ରତିଦିନ ଗୌର ଜଗନ୍ନାଥଙ୍କୁ ଚନ୍ଦନଲାଗି କରାଯାଇ ଚନ୍ଦନକୁଣ୍ଡରେ ଜଳକ୍ରୀଡା ଆୟୋଜିତ ହେଉଥିଲା। ଜଗନ୍ନାଥ ସ୍ୱୟଂ ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ଚନ୍ଦନଲାଗି ପାଇଁ ଆଦେଶ ଦେଇଥିବା କଥା ଉତ୍କଳ ଖଣ୍ଡରେ ବର୍ଣ୍ଣିତ ରହିଥିବା ଗବେଷକ ଜାନକୀ ବଲ୍ଲଭ ପଟ୍ଟନାୟକ କହିଛନ୍ତି। ଶ୍ରୀଚୈତନ୍ୟଦେବ ମଦନମୋହନଙ୍କ ବିମାନ ଆଗରେ ନାମ ସଂକୀର୍ତ୍ତନ କରି ନରେନ୍ଦ୍ର ପୁଷ୍କରିଣୀ ପର୍ଯ୍ୟନ୍ତ ଯାଉଥିଲେ। ୨୧ଦିନ ଧରି ବାହାର ଚନ୍ଦନଯାତ୍ରା ଅନୁଷ୍ଠିତ ହୋଇଥାଏ। ଏହି ସମୟରେ ମଦନମୋହନଙ୍କୁ ବିଭିନ୍ନ ବେଶ ଏବଂ ଦ୍ୱିତୀୟାରେ ଷଡ଼ଭୁଜ ଗୌରାଙ୍ଗ ବେଶ ହୁଅନ୍ତି ବୋଲି ପଟ୍ଟନାୟକ କହିଛନ୍ତି। ଶୁକ୍ରବାର ଶ୍ରୀଗୌରଜଗନ୍ନାଥଙ୍କ ଚନ୍ଦନକୁଣ୍ଡରେ ଜଳକ୍ରୀଡା ସମାପନ ପରେ ତାଙ୍କୁ ପିଠାପଣା ଭୋଗଲାଗି ସହ ନାମ ସଂକୀର୍ତ୍ତନ ଆୟୋଜନ କରାଯାଇଥିବା ନେଇ ଅନୁଷ୍ଠାନ ସମ୍ପାଦକ ଜୟ ନାରାୟଣ ମିଶ୍ର ସୂଚନା ଦେଇଛନ୍ତି। ଏଥିରେ ବୋଧାୟନ ମହାରାଜ, ବ୍ରଜ ବାବା, ଅନନ୍ତ ହରିଦାସ ବାବାଜି, ଶିଶିର ରାଉତ, ଜଗଦୀଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ବେଗୁନିଆ, ବୋଲଗଡ଼ରେ ଗଡ଼ିଲା ରାଜସ୍ୱ ରଥ

ବେଗୁନିଆ/ବୋଲଗଡ଼, ୪।୬(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବେଗୁନିଆ ତହସିଲ ପକ୍ଷରୁ ଶୁକ୍ରବାର ରାଜସ୍ୱ ରଥର ଶୁଭାରମ୍ଭ ହୋଇଛି। ଖୋର୍ଦ୍ଧା ଏଡିଏମ୍(ରାଜସ୍ୱ) ଅନୁଜ ଦାସ ପଟ୍ଟନାୟକ ଏବଂ ଉପଜିଲାପାଳ ଅଶୋକ କୁମାର ବେହୁରିଆ ପତାକା ଦେଖାଇ ଏହାର ଉଦ୍‌ଘାଟନ କରିଛନ୍ତି। କୋଭିଡ୍ ସମୟରେ ଲୋକମାନେ ତହସିଲ କାର୍ଯ୍ୟାଳୟ ନ ଆସି ନିଜ ନିଜର ରାଜସ୍ୱ କାର୍ଯ୍ୟ ହାସଲ କରିପାରିବେ ବୋଲି ତହସିଲଦାର ପୃଥ୍ୱୀରାଜ ମଣ୍ଡଳ କହିଛନ୍ତି। ପ୍ରଥମ ଦିବସରେ ସିକୋ ଆର୍‌ଆଇ ସର୍କଲର ବାଲଝାଡି ଗ୍ରାମର ଜଣେ ବ୍ୟକ୍ତିଙ୍କୁ ୮ହଜାର ଟଙ୍କା ଏବଂ ସିମୋର ଗ୍ରାମର ଜଣେ ବ୍ୟକ୍ତିଙ୍କୁ ୩୦ହଜାର ଟଙ୍କା ରେଡକ୍ରସ ପାଣ୍ଠିରୁ ପ୍ରଦାନ କରାଯାଇଥିଲା। ଏହା ଦ୍ୱାରା ଜମିପଟ୍ଟା, ମ୍ୟୁଟେଶନ ଆଦି ଅନ୍ୟ ସରକାରୀ କାଗଜପତ୍ର ପାଇବାର ସୁବିଧା ସୁଯୋଗ ମିଳିବ। ସେହିପରି ବୋଲଗଡ଼ ତହସିଲରେ ରାଜସ୍ୱ ରଥର ଶୁଭାରମ୍ଭ ହୋଇଛି। ବ୍ଲକ ଅଧକ୍ଷ ଗୋପାଳ ଚରଣ ବେହେରା ରାଜସ୍ୱ ରଥର ଉଦ୍‌ଘାଟନ କରିଛନ୍ତି। ତହସିଲଦାର ହେମେନ୍ଦ୍ର ନାରାୟଣ ମହାନ୍ତି, ବିଡିଓ ଧୋବେଇ ନାୟକ, ଆଇଆଇସି ବିଦିତା ନାୟକଙ୍କ ସମେତ ତହସିଲର କର୍ମଚାରୀମାନେ ଉପସ୍ଥିତ ଥିଲେ। ପ୍ରଥମ ଦିବସରେ ୫ଟି ଆର୍‌ଆଇ ସର୍କଲର ୨୨୮ଟି ରାଜସ୍ୱ ସମ୍ପର୍କିତ ପ୍ରମାଣପତ୍ର ପ୍ରଦାନ କରାଯାଇଛି।